# ଓଡିଶା ସରକାର

# ସ୍ବରାଷ୍ଟ୍ର ବିଭାଗର ମୁଖ୍ୟ କର୍ଯାବଳୀ



## ସ୍ବରାଷ୍ଟ୍ର ବିଭାଗ

# ବିଷୟବସ୍ତୁ


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| 1. | ପୋଲିସ ସଂଗଠନ | ୩-୨୫ |
| 2. | ତାଲିମ ଓ ମାନବ ସମ୍ବଳ | ୨୬-୨୮ |
| 3. | କାରାଗାର ସଂଗଠନ | ୨୯-୩୧ |
| 4. | ଅଗ୍ନିଶ୍ରମ ସେବା ସଂଗଠନ | ୩୨-୩୪ |
| 5. | ବେସାମରିକ ପ୍ରତିରକ୍ଷା | ୩୫-୩୬ |
| 6. | ଗୃହରକ୍ଷୀ ବିଭାଗ | ୩୭ |
| 7. | ନ୍ୟାୟ ପାଳିକା | ୩୮-୩୯ |
| 8. | ନିର୍ବାଚନ | ୪୦-୪୩ |
| 9. | ରାଜ୍ୟ ସୈନିକ ବୋର୍ଡ | ୪୪-୪୬ |
| 10. | ରାଜ୍ୟ ଅତିଥି ଭବନ | ୪୭-୫୧ |
| 11. | ଅଭିଯୋଜନ ନିର୍ଦ୍ଦେଶାଳୟ | ୫୨-୫୩ |
| 12. | ଓଡ଼ିଶା ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ | ୫୪-୫୫ |

# ସ୍ୱରାଷ୍ଟ୍ର ବିଭାଗର ମୁଖ୍ୟ କାର୍ଯ୍ୟାବଳୀ :୨୦୧୯-୨୦୨୦

ଉପକ୍ରମଣିକା:

ସ୍ୱରାଷ୍ଟ୍ର ବିଭାଗ ରାଜ୍ୟ ଶାସନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହା ଆରକ୍ଷୀ ଶାସନର ମୂଳାଧାର । ଏହି ବିଭାଗ ଆଇନ ଶୃଙ୍ଖଳା, ଅପରାଧ ପ୍ରତିରୋଧ ଓ ନିୟନ୍ତ୍ରଣ, ଦଣ୍ଡ ଅଭିଯୋଜନ, ଅଗ୍ନିଶମ ସେବା ଏବଂ କାରାଗାର ଇତ୍ୟାଦିର ନିୟନ୍ତ୍ରଣ କରିଥାଏ । ରାଜ୍ୟ ସଚିବାଳୟ ସେବା ଏହି ବିଭାଗ ଦ୍ୱାରା ପରିଚାଳିତ ହୋଇଥାଏ । ସଚିବାଳୟର ଏ.ଏସ.ଓ., ଟାଇପିଷ୍ଟ, କ୍ଷିପ୍ରଲେଖକ, ବ୍ୟକ୍ତିଗତ ସହାୟକ ଓ ବ୍ୟକ୍ତିଗତ ସଚିବ ଓ ଓଡିଶା ସଚିବାଳୟ ସେବାର ସାଧାରଣ କ୍ୟାଡର ଏହି ବିଭାଗଦ୍ୱାରା ନିୟନ୍ତ୍ରିତ ହୁଏ । ଏହାଛଡା ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସଂସ୍ଥା ଗୁଡିକୁ ଏହି ବିଭାଗ ଦେଖାଶୁଣା କରିଥାଏ । ସଂସଦୀୟ ଓ ରାଜ୍ୟ ବିଧାନସଭା ନିର୍ବାଚନ ଏହି ବିଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥାଏ । ଏହା ସାମରିକ ସେବା ଓ ବେସାମରିକ ସହଯୋଗ ଏବଂ ସାମରିକ ପ୍ରକଳ୍ପ ପ୍ରତିଷ୍ଠାରେ ଯୋଗସୂତ୍ର ରଖିଥାଏ । ରାଜ୍ୟ-ଅତିଥି ମାନଙ୍କର ସମୁଚିତ ମାନ୍ୟତା ପ୍ରଦାନ ସହ ଭୁବନେଶ୍ୱରସ୍ଥ ରାଜ୍ୟ ଅତିଥି ଭବନ, ନୂଆଦିଲ୍ଲୀସ୍ଥ ଓଡିଶା ନିବାସ ଓ ଓଡିଶା ଭବନ, ତଥା କୋଲକାତାର ଉତ୍କଳ ଭବନ ତଥା ମୁମ୍ବାଇର ଭାସିସ୍ଥିତ ଓଡ଼ିଶା ଭବନ, ଚେନାଇସ୍ଥିତ ଓଡିଶା ଭବନ ଏହି ବିଭାଗଦ୍ୱାରା ପରିଚାଳିତ ହୋଇଥାଏ ।

# ପ୍ରଥମ ଅଧ୍ୟାୟ

## ୧. ପୋଲିସ ସଂଗଠନ

### ସାଧାରଣ ଆଇନ ଶୃଙ୍ଖଳା

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ୨୦୧୯ ମସିହାରେ ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଥିଲା ।

### ରାଜନୈତିକ କାର୍ଯ୍ୟକଳାପ

୨୦୧୯ ମସିହାରେ ସମସ୍ତ ରାଜନୈତିକ ଦଳ କର୍ମୀ ସମ୍ମିଳନୀ, ସାଧାରଣ ସଭା, ଜନସମ୍ପର୍କ ଏବଂ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜନସମର୍ଥନ ହାସଲ କରିବା ପାଇଁ ଚେଷ୍ଟା କରିଥିଲେ । ଏହା ଛଡା, ବିରୋଧୀ ରାଜନୈତିକ ଦଳ ଓ ସେମାନଙ୍କର ସାମ୍ମୁଖ୍ୟ ସଙ୍ଗଠନମାନେ କେତେକ ସ୍ଥାନୀୟ ସମସ୍ୟା ନେଇ ଆନ୍ଦୋଳନ କରିଥିଲେ । ପ୍ରଶାସନ ଓ ପୁଲିସର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ସମସ୍ତ ସମସ୍ୟା ଶାନ୍ତିପୂର୍ଣ୍ଣ ଭାବରେ ସମାହିତ ହୋଇଥିଲା । ରାଜ୍ୟରେ ଲୋକସଭା ଏବଂ ବିଧାନସଭା ପାଇଁ ୪ ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ସାଧାରଣ ନିର୍ବାଚନ, କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ବିଧାନସଭା ନିର୍ବାଚନ ଏବଂ ବିଜେପୁର ବିଧାନସଭା ଉପ-ନିର୍ବାଚନ ଶାନ୍ତିଶୃଙ୍ଖଳା ସହିତ ସମାହିତ ହୋଇଥିଲା ।

### ସାମ୍ପ୍ରଦାୟିକ ପରିସ୍ଥିତି

ରାଜ୍ୟ, ବିଭିନ୍ନ ପ୍ରକାରର ସାମ୍ପ୍ରଦାୟିକ ବିଦ୍ୱେଷରୁ ମୁକ୍ତ ରହିଛି ଏବଂ ରାଜ୍ୟ ସରକାର ଜନସାଧାରଣଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବାକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି । ରାଜ୍ୟରେ ସମସ୍ତ ସମ୍ପ୍ରଦାୟର ମୁଖ୍ୟ ପର୍ବପର୍ବାଣୀ ଗୁଡିକ କୌଣସି ଅପ୍ରୀତିକର ପରିସ୍ଥିତି ନଉପୁଜି, ଆନନ୍ଦ, ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଥିଲା । ୨୦୧୯ ମସିହାରେ ୨୧ ଥର ହିନ୍ଦୁ-ମୁସଲିମ ବିଦ୍ୱେଷ ଦେଖାଦେଇଥିଲା ଏବଂ ଏ ସଂକ୍ରାନ୍ତରେ ୨୬ଟି ଅପରାଧିକ ମାମଲା ରାଜ୍ୟର ବିଭିନ୍ନ ପୋଲିସ ଥାନାରେ ରୁଜୁ ହୋଇଥିଲା । ସ୍ଥାନୀୟ ପୁଲିସ ଓ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ସମୟୋଚିତ

ପଦକ୍ଷେପ ଯୋଗୁଁ କୌଣସି ସାମୟିକ ଉତ୍ତେଜନା, ବଡଧରଣର ଆଇନ ଶୃଙ୍ଖଳା ପରିସ୍ଥିତିରେ ପରିଣତ ହୋଇନଥିଲା । ପୁରୀରେ ଅନୁଷ୍ଠିତ ରଥଯାତ୍ରା ମଧ୍ୟ ଶାନ୍ତିଶୃଙ୍ଖଳାର ସହ ସମାହିତ ହୋଇଥିଲା ।

## ଶିଳ୍ପ ବାତାବରଣ

ଜନଜାତିମାନଙ୍କ ଅଧିକାରର ସୁରକ୍ଷା, ଜମି ଅଧିଗ୍ରହଣ, ପୁନର୍ବାସ, କ୍ଷତିପୂରଣ ପ୍ରଦାନ, ନିଯୁକ୍ତି, ପାରିପାର୍ଶ୍ୱିକ ଉନ୍ନତି, ଚାଷ, ପରିବେଶ ପ୍ରଦୂଷଣ ଇତ୍ୟାଦି ପ୍ରସଙ୍ଗକୁ ନେଇ ୨୦୧୯ ମସିହାରେ କେତେକ କ୍ଷେତ୍ରରେ ଶିଳ୍ପାୟନ ବିରୁଦ୍ଧରେ ଆନ୍ଦୋଳନାତ୍ମକ ପରିସ୍ଥିତି ଉପୁଜିଥିଲା । ଏସବୁ ପରିସ୍ଥିତିକୁ ଧୈର୍ଯ୍ୟ, ସଂଯମ ଓ ସତର୍କତାର ସହ ନିୟନ୍ତ୍ରଣ କରାଯାଇପାରିଥିଲା ।

## ଶ୍ରମ ଓ ସେବା ସମସ୍ୟା

ଶ୍ରମ ଓ ସେବା ସଙ୍ଗଠନଗୁଡିକ ଆଇନ ଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେବାଭଳି କୌଣସି ବିଶେଷ ଆନ୍ଦୋଳନ କରିନଥିଲେ । କିନ୍ତୁ କେତେକ ଶିଳ୍ପାନୁଷ୍ଠାନର କର୍ମଚାରୀ / ଶ୍ରମିକମାନେ ମଜୁରି ବୃଦ୍ଧି, କାରଖାନାର ପୁନଃପରିଚାଳନା, ବକେୟା ପାଉଣା ପ୍ରଦାନ, ଠିକା ଶ୍ରମିକମାନଙ୍କୁ ସ୍ଥାୟୀ କରିବାପାଇଁ ଦାବୀ କରିଥିଲେ, ଯାହାକି, ପ୍ରାୟତଃ ଆଳାପ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇପାରିଥିଲା । ଏତଦ୍ ବ୍ୟତୀତ, ବିଭିନ୍ନ ଶିକ୍ଷକସଂଘ/ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଏବଂ ଅନ୍ୟାନ୍ୟ ସେବାସଂଘଗୁଡିକ ଦ୍ୱାରା ଉତ୍ଥାପିତ ଦାବୀଗୁଡିକ ରାଜ୍ୟ ସରକାରଙ୍କ ଦ୍ୱାରା ସହୃଦୟତାର ସହିତ ବିଚାର କରାଯାଇଥିଲା ।

## ଛାତ୍ର ସମସ୍ୟା

୨୦୧୯ ମସିହାରେ ରାଜ୍ୟବ୍ୟାପି କୌଣସି ଛାତ୍ର ଅଶାନ୍ତି ଦେଖାଯାଇ ନଥିଲା । ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ /ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ସେପ୍ଟେମ୍ବର ମାସ ଶେଷ ସପ୍ତାହରେ କରାଯିବା ପାଇଁ ସ୍ଥିର କରାଯାଇଥିଲା । କିନ୍ତୁ ଉଚ୍ଚ ଶିକ୍ଷା ବିଭାଗ ତା:୨୨.୦୮.୨୦୧୯ ରିଖର ବିଜ୍ଞପ୍ତି ଅନୁଯାୟୀ ଶିକ୍ଷାନୁଷ୍ଠାନ ଗୁଡିକରେ ହେବାକୁଥିବା ଛାତ୍ର

ସଂସଦ ନିର୍ବାଚନକୁ ରଦ୍ଦ ଘୋଷଣା କରିଥିଲେ । ଏହାକୁ ଭିତ୍ତି କରି କିଛି ଶିକ୍ଷା ଅନୁଷ୍ଠାନରେ ପ୍ରାକ୍ ନିର୍ବାଚନୀ ହିଂସା ଦେଖା ଦେଇଥିଲା, କିନ୍ତୁ ପୁଲିସ ଓ ପ୍ରଶାସନର ତତ୍ପରତା ହେତୁ ଏହାକୁ ନିୟନ୍ତ୍ରଣ କରାଯାଇ ପାରିଥିଲା ।

ବିବିଧ ସମସ୍ୟା

ଏ ବର୍ଷ ବିଭିନ୍ନ ସମୟରେ ଦୃଷ୍ଟିଗୋଚର ହୋଇଥିବା କେତେକ ଆଦିବାସୀ ସଙ୍ଗଠନ ମାନଙ୍କଦ୍ୱାରା ଜଳ, ଜଙ୍ଗଲ ତଥା ଜମିରେ ଆଦିବାସୀଙ୍କ ଅଧିକାର, ଭୂମିହୀନ ଆଦିବାସୀଙ୍କୁ ଜମିପଟ୍ଟା ବଣ୍ଟନ ଇତ୍ୟାଦିକୁ ନେଇ ଆନ୍ଦୋଳନ, ଦଳିତ/ନାରୀ ସଙ୍ଗଠନମାନଙ୍କ ଦ୍ୱାରା ଦଳିତ ଓ ନାରୀଙ୍କ ଉପରେ ବୃଦ୍ଧିପାଉଥିବା ଅତ୍ୟାଚାରକୁ ନେଇ ଆନ୍ଦୋଳନ, ବିଭିନ୍ନ ସ୍ୱେଚ୍ଛାସେବୀ ତଥା ନାରୀସଙ୍ଗଠନ ଦ୍ୱାରା ଅବୈଧ ମଦ ବ୍ୟବସାୟ, ଅଞ୍ଚଳକୁ ମଦମୁକ୍ତ କରିବାକୁ ନେଇ ଆନ୍ଦୋଳନ, ବିଭିନ୍ନ କୃଷକ ସଙ୍ଗଠନମାନଙ୍କ ଦ୍ୱାରା ମୁଖ୍ୟତଃ ନବନିର୍ମାଣ କୃଷକ ସଙ୍ଗଠନ ଦ୍ୱାରା ମୂଲ୍ୟ, ପେନସନ ଓ ସମ୍ମାନ ତଥା ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଦ୍ୱାରା କୃଷିଋଣ ଛାଡ, କୃଷକଙ୍କଠାରୁ ଧାନକ୍ରୟ, କୃଷିଜାତଦ୍ରବ୍ୟ ହାନି ତଥା ଚାଷୀ ଆତ୍ମହତ୍ୟା ଜନିତ କ୍ଷତିପୂରଣ ଇତ୍ୟାଦିକୁ ନେଇ ଆନ୍ଦୋଳନ, ବିଭିନ୍ନ ଆଇନିଜୀବି ସଂଘ ଦ୍ୱାରା ନିଜନିଜ ଅଞ୍ଚଳରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ନେଇ ଆନ୍ଦୋଳନ, "ସୁନ୍ଦରଗଡ ଜିଲ୍ଲା ଆଦିବାସୀ ମୂଳବାସୀ ବଚାଓ ମଞ୍ଚ" ଦ୍ୱାରା ବିଭିନ୍ନ ସମସ୍ୟାକୁ ନେଇ କରାଯାଇଥିବା ଆନ୍ଦୋଳନ, ଜମା କରିଥିବା ରାଶିକୁ ତୁରନ୍ତ ଜମାକାରୀଙ୍କୁ ଫେରସ୍ତ କରିବା ଦାବିରେ "ଆର୍ଥିକ ସଂସ୍ଥା ମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ" ଦ୍ୱାରା ଆନ୍ଦୋଳନ, ରାଜ୍ୟରେ କେତେକ ସ୍ଥାନକୁ ଉପଖଣ୍ଡର ମାନ୍ୟତା ଘୋଷଣା ନେଇ ତଥା ନୂତନ ଏନ.ଏ.ସି ଆଦି ଗଠନ ନେଇ ଦେଖାଦେଇଥିବା ଆନ୍ଦୋଳନ ଓ ଅନ୍ୟାନ୍ୟ ଘଟଣା ଯାହାକି ବିଭିନ୍ନ ସମୟରେ ପ୍ରକାଶ୍ୟ ହୋଇଛି ତାହା କୌଶଳ ଭାବରେ ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ପ୍ରଶାସନ ଓ ପୁଲିସର ସମୟୋଚିତ ପଦକ୍ଷେପ ଫଳରେ ନିୟନ୍ତ୍ରଣ କରାଯାଇପାରିଛି ।

## ଆନ୍ତର୍ଜାତିକ କ୍ରୀଡା

ତା ୦୬.୦୬.୨୦୧୯ ରୁ ୧୬.୦୬.୨୦୧୯ ମଧ୍ୟରେ କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଅନ୍ତରାଷ୍ଟ୍ରୀୟ ପୁରୁଷ ହକି ସିରିଜ ଏବଂ ବାରବାଟୀ ଷ୍ଟାଡିୟମ, କଟକ ଠାରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ତା.୨୨.୧୨.୨୦୧୯ ରିଖରେ ଏକ ଦିବସୀୟ ଅନ୍ତରାଷ୍ଟ୍ରୀୟ କ୍ରିକେଟ୍ ମ୍ୟାଚ ପୋଲିସର ସୁବନ୍ଦୋବସ୍ତ ଫଳରେ ଶାନ୍ତିଶୃଙ୍ଖଳା ସହିତ ସମାହିତ ହୋଇଥିଲା ।

## ସନ୍ତ୍ରାସବାଦୀ କାର୍ଯ୍ୟକଳାପ

ଏ ପର୍ଯ୍ୟନ୍ତ, ରାଜ୍ୟରେ କୌଣସି ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଦେଖା ଯାଇନାହିଁ ଏବଂ ଆଗୁଆ ସୂଚନା ଦ୍ୱାରା ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ଫଳପ୍ରଦଭାବେ ନିୟନ୍ତ୍ରଣ କରାଯାଇଅଛି । ଏହାଛଡା, ରାଜ୍ୟରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ସମ୍ବନ୍ଧୀୟ ସୂଚନା ସମସ୍ତ ଜିଲ୍ଲା ଏସ୍.ପି.ମାନଙ୍କୁ ସମୟ ସମୟରେ ବିଭିନ୍ନ ପରାମର୍ଶ ଓ ସତର୍କ ବାର୍ତ୍ତା ମାଧ୍ୟମରେ ଅବଗତ କରାଯାଇଅଛି ।

## ଓଡିଶାରେ ବାମପନ୍ଥୀ ଉଗ୍ରବାଦ :

୨୦୧୯ ମସିହାରେ ରାଜ୍ୟରେ ବାମପନ୍ଥୀ ଉଗ୍ରବାଦ ପରିସ୍ଥିତି ପ୍ରାୟତଃ ନିୟନ୍ତ୍ରଣାଧୀନ ରହିଥିଲା । ମାଲକାନଗିରି, କୋରାପୁଟ, କଳାହାଣ୍ଡି, ରାୟଗଡା, କନ୍ଧମାଳ, ନୂଆପଡା, ବଲାଙ୍ଗିର ଏବଂ ନବରଙ୍ଗପୁର ଜିଲ୍ଲାର କେତେକାଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପ ଆହ୍ୱାନାତ୍ମକ ରହିଥିଲା । ୨୦୧୯ ମସିହାରେ ରାଜ୍ୟରେ ମୋଟ ୪୪ ଟି ବାମପନ୍ଥୀ ଉଗ୍ରବାଦ ଜନିତ ଘଟଣା ଘଟିଥିଲା, ଯେଉଁଥିରେ ୧୨ ଟି ପୁଲିସ ପ୍ରଚେଷ୍ଟାରେ ସଂଗଠିତ ଗୁଳି ବିନିମୟ ଘଟଣା ଅନ୍ତର୍ଭୁକ୍ତ ଥିଲା ।

୨୦୧୯ ମସିହାରେ ନକ୍ସଲ ବିରୋଧୀ ଅଭିଯାନରେ ମୋଟ ୮ ଜଣ ମାଓବାଦୀଙ୍କର ମୃତ୍ୟୁ ଘଟିଥିବାସ୍ଥଳେ ୫୦ ଜଣ ଗିରଫ ହୋଇଥିଲେ ଏବଂ ୧୩ ଜଣ

ମାଓବାଦୀ ଆତ୍ମସମର୍ପଣ କରିଥିଲେ । ସେହିଭଳି ୨୧ଟି ବନ୍ଧୁକ, ୩୦ ଟି ଉନ୍ନତମାନର ବିସ୍ଫୋରକ ଏବଂ ବହୁପରିମାଣର ଗୁଳିଗୋଳା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା ।

ୟୁନିଫାଏଡ କମାଣ୍ଡ ବୈଠକ

ବାମପନ୍ଥୀ ଉଗ୍ରବାଦୀ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ସ୍ଥିତିର ସମୀକ୍ଷା କରିବା ପାଇଁ ଏବଂ ରାଜ୍ୟ ସୁରକ୍ଷା ବଳ ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ ଦ୍ୱାରା ନକ୍ସଲମାନଙ୍କ ବିରୋଧରେ କରାଯାଉଥିବା କାର୍ଯ୍ୟପ୍ରଣାଳୀର ସଯତ୍ନ ପର୍ଯ୍ୟାଲୋଚନ ନିମନ୍ତେ, ମୁଖ୍ୟ ଶାସନ ସଚିବ, ଓଡ଼ିଶାଙ୍କ ଅଧ୍ୟକ୍ଷତାରେ State Level Unified Command ଗଠିତ ହୋଇଅଛି । ଏହି କମିଟିର ବୈଠକ ନିୟମିତ ଭାବରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଅଛି । ଏ ପର୍ଯ୍ୟନ୍ତ 26 ଟି ବୈଠକ ଅନୁଷ୍ଠିତ ହୋଇଅଛି ଏବଂ ଶେଷ ବୈଠକ ତା 31.05.2019 ରିଖରେ ଅନୁଷ୍ଠିତ ହୋଇଥିଲା ।

ତଟ ସୁରକ୍ଷା

ଓଡ଼ିଶାରେ 483 କିଲୋମିଟର ଲମ୍ବା ସମୁଦ୍ର ତଟ ରହିଛି । ଓଡ଼ିଶା ପୋଲିସ ନିୟମିତ ସମୟ ବ୍ୟବଧାନରେ ରାଜ୍ୟର ତଟ ସୁରକ୍ଷା ପ୍ରତି ଧ୍ୟାନ ଦେଉଛି ଯେମିତି ଅସାମାଜିକ ଲୋକ ଓ ଅନୁପ୍ରବେଶ କାରୀମାନେ ଏହା ମଧ୍ୟରେ ପ୍ରବେଶ କରିପାରିବେ ନାହିଁ । ସାମୁଦ୍ରିକ ଥାନାକୁ ଯୋଗାଇ ଦିଆଯାଇଥିବା ଫାଷ୍ଟ ଇଣ୍ଟରସେପ୍ଟର ବୋଟ ଏବଂ ଗାଡି ମାଧ୍ୟମରେ ସବୁବେଳେ ସମୁଦ୍ର ତଟ ଓ ଏହାର ଉପକୂଳବର୍ତ୍ତୀ ଅଞ୍ଚଳରେ ପହରା ଦିଆଯାଉଛି । ମତ୍ସ୍ୟଜୀବୀ ମାନଙ୍କୁ ସବୁବେଳେ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ କୌଣସି ବିଦେଶୀ ଲୋକ ଦେଖାଗଲେ ତାହା ବିଷୟରେ ଥାନାକୁ ଜଣାଇବାକୁ କୁହାଯାଇଛି । ମତ୍ସ୍ୟଜୀବୀ ମାନଙ୍କୁ ତଟ ସୁରକ୍ଷାପ୍ରତି ସଚେତନ କରିବା ପାଇଁ ପ୍ରତ୍ୟେକ ମାସରେ ତଟ ସୁରକ୍ଷା ସଚେତନତା ଅଭିଯାନ କରାଯାଉଅଛି । ଭାରତୀୟ ତଟ ସୁରକ୍ଷା ବାହିନୀର ମିଳିତ ସହଯୋଗରେ 'ଓପି ସଜାଗ' (OP SAJAG) ଡ୍ରିଲ ପ୍ରତ୍ୟେକ ମାସରେ କରାଯାଉଅଛି । ଏଥିରେ ସବୁ ଡଙ୍ଗା, ଟ୍ରଲର ଏବଂ ଏହାର କାଗଜପତ୍ର ଯାଞ୍ଚ କରାଯାଉଅଛି ।

ସାଧାରଣ ଜନତା ଏବଂ ମତ୍ସ୍ୟଜୀବୀଙ୍କ ମନରେ ଆତ୍ମବିଶ୍ୱାସ ଜାଗ୍ରତ କରିବା ପାଇଁ ଏବଂ ତଟସୁରକ୍ଷାର ସମସ୍ତ ସହଭାଗୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଭାରତୀୟ ତଟରକ୍ଷା ବାହିନୀ, ଭାରତୀୟ ନୌସେନା ସହାୟତାରେ 'ସାଗର କବଚ' (SAGAR KABACH) ଅଭ୍ୟାସ ନିୟମିତ ଭାବରେ କରାଯାଉଅଛି ।

୨. ଅପରାଧ ଜନିତ ପରିସ୍ଥିତି

୨୦୧୯ ମସିହାରେ ରାଜ୍ୟରେ ରଜୁ ହୋଇଥିବା ମୋଟ ୧,୨୧,୫୨୫ଟି ଧର୍ତ୍ତବ୍ୟ ଅପରାଧ ମଧ୍ୟରୁ ୧୩୫୬ ଟି ହତ୍ୟା , ୫୮୭ ଗୋଟି ଡକାୟତି, ୨୪୯୨ ଟି ଲୁଣ୍ଠନ , ୪୧୪୯ ଟି ସିନ୍ଧିଚୋରି , ୧୦୭୬୬ ଟି ଚୋରି, ୩୮୦୭ ଟି ପ୍ରତାରଣା , ୧୯୯୩ ଟି ଦଙ୍ଗା , ୨୯୫୦ ଟି ଧର୍ଷଣ , ୧୧୦୬୪ ଟି ମୋଟରଯାନ ଦୁର୍ଘଟଣା, ୮୨୩୬୧ ଟି ବିବିଧ ମାମଲା ଅନ୍ତର୍ଭୁକ୍ତ ।

ଅପରେସନ ପରୀ–୩

୨୦୧୯ ମସିହାରେ ଅପରେସନ ପରୀ – ୩ ଅଭିଯାନ ଦୁଇଟି ପର୍ଯ୍ୟାୟରେ ନିରୁଦ୍ଦିଷ୍ଟ ଶିଶୁ / ଶିଶୁଶ୍ରମିକ ମାନଙ୍କୁ ଖୋଜିବା ନିମନ୍ତେ ରାଜ୍ୟରେ କାର୍ଯ୍ୟକାରୀ କରାଯାଇଥିଲା । ତା: ୩୦.୦୭.୨୦୧୯ ରଖ ଠାରୁ ୧୪.୦୮.୨୦୧୯ ରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୩୧୦୫ (ବାଳକ – ୨୫୮୯ ଓ ବାଳିକା – ୫୧୬ ଶିଶୁଙ୍କୁ ରାଜ୍ୟ ମଧ୍ୟରୁ ବିଭିନ୍ନ ଜାଗାରୁ ଉଦ୍ଧାର କରାଯାଇ ତାଙ୍କର ପିତାମାତା ତଥା ସମ୍ପର୍କୀୟ ମାନଙ୍କୁ ହସ୍ତାନ୍ତର କରାଯାଇଥିଲା । ସେଥି ମଧ୍ୟରୁ ନିଖୋଜ ଅପହୃତ ମାମଲାରେ ୨୪୨ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା ।

ସେହିପରି ଅପରେସନ ପରୀ – ୩ ର ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ତା: ୧୫.୦୮.୨୦୧୯ ରିଖ ଠାରୁ ତା: ୩୦.୦୮.୨୦୧୯ ରିଖ ପର୍ଯ୍ୟନ୍ତ ରାଜ୍ୟରେ କାର୍ଯ୍ୟକାରୀ କରାଯାଇଥିଲା । ପୋଲିସ ଓ ମହିଳା ଶିଶୁ ବିକାଶ ବିଭାଗର ୦୮ ଗୋଟି ମିଳିତ ଦଳ

୦୮ ଟି ବିଭିନ୍ନ ରାଜ୍ୟ ଯଥା: ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ଛତିଶଗଡ, ଝାଡଖଣ୍ଡ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଦିଲ୍ଲୀ ଓ ତାମିଲନାଡୁ କୁ ଯାଇ ରାଜ୍ୟର ଅପହୃତ ଓ ନିଖୋଜ ଶିଶୁକୁ ଉଦ୍ଧାର କରିଥିଲେ । ଏହି ଅଭିଯାନରେ ମୋଟ ୮୩ (ବାଳକ-୬୧ ଓ ବାଳିକା-୨୨) ରାଜ୍ୟ ବାହାରୁ ଉଦ୍ଧାର କରି ତାଙ୍କ ପିତାମାତା ତଥା ସମ୍ପର୍କୀୟଙ୍କୁ ଶିଶୁ ସୁରକ୍ଷା ସମିତି ମାଧ୍ୟମରେ ହସ୍ତାନ୍ତର କରିଥିଲେ ।

## ୩. <u>ପୁଲିସ୍ ବାହିନୀର ଆଧୁନିକୀକରଣ</u>

ପୁଲିସ୍ ବିଭାଗର ବିଭିନ୍ନ ସଂସ୍ଥା ନିମନ୍ତେ ଆଧୁନିକୀକରଣ ଯୋଜନାରେ ୨୦୦୦-୦୧ ରୁ ୨୦୧୮-୧୯ ମସିହା ମଧ୍ୟରେ ୯୪୯.୯୧ କୋଟି ଟଙ୍କା ଅନୁଦାନ ମିଳିଅଛି । ତନ୍ମଧ୍ୟରୁ ୯୦୨.୫୭ କୋଟି ଟଙ୍କା (ପ୍ରାୟ ଶତକଡା ୯୫ ଭାଗ) ବ୍ୟୟ କରାଯାଇଅଛି ।

ପୁଲିସ୍ ଆଧୁନିକୀକରଣ ଯୋଜନାରେ ମିଳିଥିବା ଅନୁଦାନକୁ ରାଜ୍ୟ ଆରକ୍ଷୀ ବାହିନୀର ଯାନବାହାନ, ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର , ଅତ୍ୟାଧୁନିକ ଯୋଗାଯୋଗ ସାମଗ୍ରୀ, ଅତ୍ୟାଧୁନିକ ତାଲିମ୍ ସାମଗ୍ରୀ, (ସାଇବର କ୍ରାଇମ୍ ସାମଗ୍ରୀ), ଅପରାଧ ତଦନ୍ତ ବିଭାଗର ମାନବୃଦ୍ଧି ନିମନ୍ତେ ମୋବାଇଲ୍ ଫୋରେନସିକ ୟୁନିଟ୍, ଏକ୍ସପ୍ଲୋସିଭ-କମ୍-ନାରକୋଟିକ୍ସ ଡିଟେକଟର, ଅତ୍ୟାଧୁନିକ ବମ୍ ଡିସ୍‌ପୋଜାଲ ୟୁନିଟ୍, ଟ୍ରାଫିକ ପୋଲିସ୍ ପାଇଁ ନାଇଟ ଭିଜନ ଉପକରଣ, ସି.ସି.ଟି.ଭି. ବେସଡ୍ ସିଟି ସର୍ଭିଲାନସ୍ ସିଷ୍ଟମ ଆଦିର କ୍ରୟ ସମେତ ଆରକ୍ଷୀ ବାସଗୃହ ଏବଂ କାର୍ଯ୍ୟାଳୟ ଗୃହ ନିର୍ମାଣରେ ଉପଯୋଗ କରାଯାଇଅଛି ।

ପୁନଶ୍ଚ ରାଜ୍ୟ ସରକାର ଆଧୁନିକୀକରଣ ଯୋଜନାରେ ୮.୨୬ କୋଟି ଟଙ୍କା ୨୦୧୯-୨୦ ମସିହା ପାଇଁ ଅନୁଦାନ ଦେଇଛନ୍ତି (୩୧.୧୨.୨୦୧୯ ପର୍ଯ୍ୟନ୍ତ) । ଏହାର ବିଶଦ ବିବରଣୀ ନିମ୍ନ ମତେ ପ୍ରଦତ୍ତ କରାଗଲା ।

| କ୍ର.ସଂ. | ଉପାଦାନ | ଅନୁଦାନ (ଲକ୍ଷରେ) | | |
|---|---|---|---|---|
| | | କେନ୍ଦ୍ରୀୟ ଅନୁଦାନ | ରାଜ୍ୟ ଅନୁଦାନ | ସମୁଦାୟ |
| ୧. | ଅସ୍ତ୍ରଶସ୍ତ୍ର | ୧୫୨.୨୩ | ୨୪.୫୭ | ୧୭୬.୮୦ |
| ୨. | ପୋଲିସ ସାମଗ୍ରୀ | ୪୫୭.୮୨ | ୩୦୩.୬୧ | ୭୬୧.୪୩ |
| ୩. | ଟ୍ରାଫିକ ନିୟନ୍ତ୍ରଣ ସାମଗ୍ରୀ | ୪୩.୬୦ | ୨୩.୦୦ | ୬୬.୬୦ |
| ୪. | ଯାନବାହାନ | ୫୩୯.୪୦ | ୭୭.୦୦ | ୬୧୬.୪୦ |
| ୫. | ଗୁଇନ୍ଦା ବିଭାଗ ସାମଗ୍ରୀ | ୦.୦୦ | ୧୮୪.୦୦ | ୧୮୪.୦୦ |
| ୬. | ପ୍ରଶିକ୍ଷଣ ସାମଗ୍ରୀ | ୧୭.୭୮ | ୫୦.୦୦ | ୬୭.୭୮ |
| ୭. | ଯୋଗାଯୋଗ ସାମଗ୍ରୀ | ୫୦.୭୦ | ୫୩.୮୦ | ୧୦୪.୫୦ |
| ୮. | ସି.ଆଇ.ଡି. ସାମଗ୍ରୀ | ୦.୦୦ | ୫୪.୧୫ | ୫୪.୧୫ |
| ୯. | ରାଜ୍ୟ ଫୋରେନ୍‌ସିକ ବିଜ୍ଞାନ ସାମଗ୍ରୀ | ୪୨.୫୦ | ୫୦.୦୦ | ୯୨.୫୦ |
| ୧୦. | ଅପରାଧ ନଥି ସଂସ୍ଥା ସାମଗ୍ରୀ | ୨୦୭.୫୦ | ୧୬୭.୫୦ | ୩୭୫.୦୦ |
| ୧୧. | ଗୃହରକ୍ଷୀ ସାମଗ୍ରୀ | ୪୮.୪୭ | ୨୨.୩୭ | ୭୦.୮୪ |
| ୧୨. | ଦୁର୍ନିତୀ ନିବାରଣ ବିଭାଗ ସାମଗ୍ରୀ | ୦.୦୦ | ୩୦.୦୦ | ୩୦.୦୦ |
| | ମୋଟ: | ୧୫୬୦.୦୦ | ୧୦୪୦.୦୦ | ୨୬୦୦.୦୦ |

## ୪. ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର

ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର, ଓଡିଶା, ସମଗ୍ର ଭାରତବର୍ଷର ପୁରାତନ ବିଜ୍ଞାନାଗାରମାନଙ୍କ ମଧ୍ୟରେ ଅନ୍ୟତମ । ତଦନ୍ତ ଓ ନ୍ୟାୟିକ ପ୍ରକ୍ରିୟାରେ ବୈଜ୍ଞାନିକ ପଦ୍ଧତିର ପର୍ଯ୍ୟାପ୍ତ ଉପଯୋଗ ଉଦ୍ଦେଶ୍ୟରେ, ସମୟକ୍ରମେ ୩ (ତିନି)ଟି ଆଞ୍ଚଳିକ ବିଧି

ବିଜ୍ଞାନାଗାର ଓ ୩୬ଟି ଜିଲ୍ଲା ବିଧି ବିଜ୍ଞାନାଗାର ଏହା ସହିତ ସଂଯୋଗ କରାଯାଇଛି । ୩୬ ଜିଲ୍ଲା ବିଧି ବିଜ୍ଞାନାଗାର ମଧ୍ୟରୁ ୨୩ଟି ବର୍ତ୍ତମାନ କାର୍ଯ୍ୟକ୍ଷମ ଅଛି । ଏତଦ୍‌ବ୍ୟତୀତ, ଏହି ବିଜ୍ଞାନାଗାରରେ ୯ ଟି ବିଭାଗ ଯଥା:ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ଲସୀ ବିଜ୍ଞାନ, ପ୍ରକ୍ଷେପ ବିଜ୍ଞାନ, ବିଷ ବିଜ୍ଞାନ, ଉଗଆ ବିଜ୍ଞାନ, ମିଥ୍ୟା ଅନୁସନ୍ଧାନ ଓ ସାଇବର ବିଧି ବିଜ୍ଞାନ ବିଭାଗମାନ କାର୍ଯ୍ୟ କରୁଅଛି ।

ଅପରାଧ ସ୍ଥଳ ପରିଦର୍ଶନ ସହ ନ୍ୟାୟଳୟମାନଙ୍କୁ ବିଶେଷଜ୍ଞ ରିପୋର୍ଟ ପ୍ରଦାନ କରି ଏହି ବିଜ୍ଞାନାଗାର ବର୍ଷ ବର୍ଷ ଧରି ଏହାର ଦାୟିତ୍ୱ କୃତିତ୍ୱର ସହ ନିର୍ବାହ କରି ଆସୁଛି ।

୨୦୧୯ ମସିହା (୩୧.୧୨.୨୦୧୯ ପର୍ଯ୍ୟନ୍ତ) ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାରରେ ୧୩୬୪୭ ଟି ମାମଲା ପରୀକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯାଇଅଛି । ଚଳିତ ବର୍ଷ ୨୯ ଜଣ ସହାୟକ ବୈଜ୍ଞାନିକ ଅଧିକାରୀ, ୫୨ ଜଣ ବିଜ୍ଞାନାଗାର ସହାୟକ, ଜଣେ ଭିସେରା କଟରଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତ ପ୍ରଦାନ କରାଯାଇଅଛି ଏହା ବ୍ୟତୀତ ନିୟମିତ ୨୨ ଜଣ ବୈଜ୍ଞାନିକ ଅଧିକରୀ ଓ ୪୫ ଜଣ ସହାୟକ ବୈଜ୍ଞାନିକ ଅଧିକାରୀ ନିଯୁକ୍ତି ପାଇଁ ଓଡିଶା ଲୋକସଭା ଆୟୋଗ, କଟକ ଓ ଓଡିଶା କର୍ମଚାରୀ ଚୟନ ଆୟୋଗ, ଭୁବନେଶ୍ୱରଙ୍କୁ ଅନୁରୋଧ କରାଯାଇଅଛି ।

ପୁଲିସ ଅଧିକାରୀ, ନ୍ୟାୟାଧୀଶ ଓ ସରକାରୀ ଓକିଲମାନଙ୍କ ପାଇଁ ଏହି ବିଜ୍ଞାନାଗାର ଅନେକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନେଇଛି । ଏଠାରେ କାର୍ଯ୍ୟରତ ବୈଜ୍ଞାନିକମାନେ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର ଓ Biju Patnaik State Police Academy ରେ ଅପରାଧ ତଦନ୍ତ ଓ ନ୍ୟାୟିକ ପ୍ରକିୟାରେ ଅପରାଧ ବିଧି ବିଜ୍ଞାନାଗାରର ଗୁରୁତ୍ୱ ସମ୍ବନ୍ଧରେ ତାଲିମ ପ୍ରଦାନ କରୁଛନ୍ତି ।୨୦୧୯ ମସିହାରେ ୨୨ ଜଣ ଅଧିକାରୀ ଦିଲ୍ଲୀ "National Institute of Criminology and Forensic Science" ରେ ତାଲିମ ପାଇଛନ୍ତି ।

୨୦୧୩ ମସିହାରୁ ସି.ସି.ଟି.ଏନ୍.ଏସ୍. ପ୍ରକଳ୍ପ ସହିତ ରାଜ୍ୟ ଅପରାଧବିଧି ବିଜ୍ଞାନଗାର ସଂଯୁକ୍ତ ହୋଇଛି ଯାହାଦ୍ୱାରା ଏଠାରେ ଗୃହୀତ ହୋଇଥିବା ଯେ କୌଣସି ମାମଲାର ପରିକ୍ଷଣ ସମ୍ବନ୍ଧୀୟ ସବିଶେଷ ତଥ୍ୟ କମ୍ପୁଟର ସଂଯୋଗିକରଣ ମାଧ୍ୟମରେ ସହଜରେ ଉପଲବ୍ଧ ହୋଇପାରୁଛି । ୨୦୧୯ ନଭେମ୍ବର ମାସ ସୁଦ୍ଧା ଏହି ପ୍ରୟୋଗଶାଳାରେ କାର୍ଯ୍ୟକ୍ଷମ ସମସ୍ତ ୯ ଟି ବିଭାଗ ସି.ସି.ଟି.ଏନ୍.ଏସ୍. ପ୍ରକଳ୍ପ ସହିତ ସଂଯୋଗ ହୋଇଛି ।

୫. <u>ରାଜ୍ୟ ଅପରାଧ ନଥି ସଂସ୍ଥା</u>

ରାଜ୍ୟ ଅପରାଧ ନଥି ସଂସ୍ଥା ୧୯୮୮ ମସିହା ଜୁଲାଇ ମାସ ୨୩ ତାରିଖରେ ରାଜ୍ୟ ଗୃହ ବିଭାଗର ସଂକଳ୍ପ ପତ୍ର ସଂଖ୍ୟା–୪୦୪୬୪ ଅନୁଯାୟୀ ତତ୍କାଳୀନ "ଓଡିଶା ପୁଲିସ୍ କମ୍ପ୍ୟୁଟର ସଂସ୍ଥା" ଏବଂ "ରାଜ୍ୟ ଅଙ୍ଗୁଳିଛାପ ସଂସ୍ଥା"କୁ ନେଇ ଗଠିତ ହୋଇଥିଲା ।

ବର୍ତ୍ତମାନ କ୍ରାଇମ ଓ କ୍ରିମିନାଲ ଟ୍ରାକିଙ୍ଗ୍ ନେଟୱାର୍କ ସିଷ୍ଟମ (ସି.ସି.ଟି.ଏନ୍.ଏସ୍)କୁ ଓଡିଶା ରାଜ୍ୟ ସହିତ ସାରାଦେଶରେ କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟମ ଜାରି ରହିଛି । କ୍ରାଇମ ଓ କ୍ରିମିନାଲ ଟ୍ରାକିଙ୍ଗ୍ ନେଟୱାର୍କ ସିଷ୍ଟମ କେନ୍ଦ୍ର ସରକାରଙ୍କ ଇ–ଗଭର୍ନାନ୍ସ ଯୋଜନା ଅନ୍ତର୍ଗତ ଏକ ମିଶନମୋଡ୍ ପ୍ରକଳ୍ପ ଯାହାକି, ସମଗ୍ର ଦେଶରେ ପୁଲିସ୍ ସଂସ୍ଥାକୁ ଆଧୁନିକୀକରଣ କରିବା ପାଇଁ ଉଦ୍ଦିଷ୍ଟ । ସି.ସି.ଟି.ଏନ୍.ଏସ୍. ମାଧ୍ୟମରେ ପୁଲିସ ସଂସ୍ଥା ଗୁଡିକ ଅପରାଧ ଏବଂ ଅପରାଧିକ ତଥ୍ୟ ଗୁଡିକୁ ଅନ୍‌ଲାଇନ ମାଧ୍ୟମରେ ସଂରକ୍ଷଣ କରିରଖିପାରିବା ସଙ୍ଗେ ସଙ୍ଗେ ଦେଶର ସାଧାରଣ ନାଗରିକ ମଧ୍ୟ ନିର୍ବିଘ୍ନରେ ଅନ୍‌ଲାଇନ ପୋଲିସ ସେବା ପାଇପାରିବେ ।

ପରିସଂଖ୍ୟାନ ବିଭାଗର ରାଜ୍ୟ ଅପରାଧ ସଂସ୍ଥାର ଏକ ବିଶେଷ ଭୂମିକା ରହିଛି । ସମସ୍ତ ପ୍ରକାରର ଅପରାଧିକ ତଥ୍ୟର ପରିସଂଖ୍ୟାନ ବିବରଣୀ ଏହି ବିଭାଗରେ ସଠିକ ଭାବରେ ପ୍ରସ୍ତୁତ କରାଯାଇଥାଏ ।

ଏହା ବ୍ୟତୀତ, ରାଜ୍ୟ ଅପରାଧ ନଥି ସଂସ୍ଥାର ଏହି ପରିସଂଖ୍ୟାନ ବିଭାଗ ବିଭିନ୍ନ ପ୍ରକାରର ଅପରାଧିକ ତଥ୍ୟ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରୀୟ ସଂସ୍ଥା ତଥା କାର୍ଯ୍ୟାଳୟ ନିକଟରେ ସଫଳତାର ସହିତ ଉପସ୍ଥାପନା କରିପାରିଛି । ଆହୁରି ମଧ୍ୟ ଏହି ବିଭାଗ ଜନସାଧାରଣ ତଥା ଅନୁଷ୍ଠାନକୁ ସୂଚନା ଅଧିକାର ଆଇନ-୨୦୦୫ ଆଧାରରେ ଆବଶ୍ୟକୀୟ ଅପରାଧିକ ତଥ୍ୟର ବିବରଣୀ ଯୋଗାଇ ଦେଇଛି । ପରିସଂଖ୍ୟାନ ବିଭାଗ, ଓଡିଶା ତଥା ଓଡିଶା ବାହାରର ସମସ୍ତ ଆରକ୍ଷୀ କାର୍ଯ୍ୟାଳୟ / ସଂସ୍ଥା, ଅନ୍ୟାନ୍ୟ ସରକାରୀ ସଂସ୍ଥା ତଥା କାର୍ଯ୍ୟାଳୟମାନଙ୍କୁ ସେମାନେ ଆବଶ୍ୟକ କରୁଥିବା ତଥ୍ୟ ସଠିକ ସମୟରେ ସଫଳତାର ସହିତ ଯୋଗାଇ ପାରିଛି ।

ଅପରାଧି ଏବଂ ଅପରାଧି ମାନଙ୍କର ପୂର୍ଣ୍ଣ ତଥ୍ୟ ରାଜ୍ୟ ଅପରାଧ ନଥି ସଂସ୍ଥାର ଏହି ପରିସଂଖ୍ୟାନ ବିଭାଗରେ ସଂଗୃହିତ ହୋଇଥାଏ ।

<u>ସି.ସି.ଟି.ଏନ.ଏସ. ପ୍ରୋଜେକ୍ଟର ସଫଳତା</u>

ସି.ସି.ଟି.ଏନ.ଏସ. ପ୍ରୋଜେକ୍ଟ ଓଡ଼ିଶା ରାଜ୍ୟରେ ସଫଳତାର ସହିତ ପ୍ରତିପାଦିତ ହୋଇଅଛି । ବିଭିନ୍ନ ସଫଳତାମାନଙ୍କ ମଧ୍ୟରୁ ସମ୍ୟକ୍ ନିମ୍ନରେ ପ୍ରଦତ୍ତ କରାଗଲା:-

୧. ଏହା ଦ୍ୱାରା ଓଡିଶା ପୁଲିସରେ ଏକ ବୈଷୟିକ ଭିତ୍ତିଭୂମି ସୃଷ୍ଟି କରାଯାଇପାରିଛି ।
୨. ଏହି ଯୋଜନା ଅନ୍ତର୍ଗତ ସମସ୍ତ(୬୨୦)ପୁଲିସ ଥାନା ଏଂବ ଉଚ୍ଚତର କାର୍ଯ୍ୟାଳୟ (୨୦୯) ଏବଂ ସି.ସି.ଟି.ଏନ.ଏସ. ତାଲିମ କେନ୍ଦ୍ର (୩୮) ମାନଙ୍କୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି ।
୩. ପ୍ରତ୍ୟେକ ଥାନାକୁ ୪ଟି ଲେଖାଏଁ କମ୍ପ୍ୟୁଟର, ୧ଟି ମଲ୍‌ଟି ଫଙ୍କସନାଲ ପ୍ରିଣ୍ଟର ଏବଂ ୧ଟି ଡୁପ୍ଲେକ୍ସ ପ୍ରିଣ୍ଟର ଯୋଗାଇ ଦିଆଯାଇଛି ।
୪. ପ୍ରତ୍ୟେକ ଉଚ୍ଚତର କାର୍ଯ୍ୟାଳୟକୁ ୩ଟି ଲେଖାଏଁ କମ୍ପ୍ୟୁଟର, ୧ଟି ମଲ୍‌ଟି ଫଙ୍କସନାଲ ପ୍ରିଣ୍ଟର ଏବଂ ୧ଟି 2KVA UPS ଏବଂ ୧ଟି CISCO ସୁଇଚ୍ ଉକ୍ତ ଯୋଜନାରେ ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ ପ୍ରତ୍ୟେକ ଆରକ୍ଷୀ

ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ୧୦ଟି ଲେଖାଏଁ କମ୍ପୁଟର, ୧୦ଟି ମଲ୍ଟି ଫଙ୍କସନାଲ ପ୍ରିଣ୍ଟର ଏବଂ ୨ ଟି 2KVA UPS ଯୋଗାଇ ଦିଆଯାଇଛି ।

୫. ଓକାକ, ଭୁବନେଶ୍ୱରଠାରେ ଗୋଟିଏ ଷ୍ଟେଟ ଡାଟା ସେଣ୍ଟର ସ୍ଥାପନା କରାଯାଇଛି ।

୬. ସମସ୍ତ ଥାନା ଏବଂ ଉଚ୍ଚତର କାର୍ଯ୍ୟାଳୟ ଗୋଟିଏ ନେଟୱାର୍କ ସହିତ ଯୋଡିହୋଇଛନ୍ତି ଏବଂ ରାଜ୍ୟ ତଥ୍ୟ କେନ୍ଦ୍ରକୁ କ୍ରମାଗତ ଭାବେ ତଥ୍ୟ ପ୍ରେରଣ କରିଆସୁଛନ୍ତି ।

୭. ନୂଆଦିଲ୍ଲୀଠାରେ ପ୍ରତିଷ୍ଠିତ ହୋଇଥିବା "ନ୍ୟାସ୍‌ନାଲ୍ ଡାଟା ସେଣ୍ଟର" କୁ ଷ୍ଟେଟ ଡାଟା ସେଣ୍ଟର, ଭୁବନେଶ୍ୱର ପ୍ରତି ୨୪ ଘଣ୍ଟାରେ ଥରେ ଡାଟା ଶିଙ୍କ୍ରୋନାଇଜେସନ କରିଥାଏ ।

୮. ବର୍ତ୍ତମାନ, ସମସ୍ତ ଏତଲା ସି.ସି.ଟି.ଏନ.ଏସ.ର କୋର ଆପ୍ଲିକସନ ସଫ୍‌ଟୱେର ମାଧ୍ୟମରେ ନିୟନ୍ତ୍ରିତ ହେଉଛି ।

୯. କେବଳ ସମ୍ବେଦନଶୀଳ ଏତଲାଗୁଡିକୁ ବାଦ ଦେଇ ଅନ୍ୟ ସମସ୍ତ ଏତଲାକୁ ଓଡିଶା ପୁଲିସର ସିଟିଜେନ ପୋର୍ଟାଲ ରେ ଅପଲୋଡ କରାଯାଉଛି ।

୧୦. ସମସ୍ତ ଚାର୍ଜ ସିଟ୍ ଏବଂ ଫାଇନାଲ ଫର୍ମ ଗୁଡିକ ମଧ୍ୟ ସି.ସି.ଟି.ଏନ.ଏସ. କୋର ଆପ୍ଲିକସନ ସଫ୍‌ଟୱେର ମାଧ୍ୟମରେ ନିୟନ୍ତ୍ରିତ ହେଉଛି । ।

୧୧. ବର୍ତ୍ତମାନ ନ୍ୟାୟଳୟମାନଙ୍କରେ କେବଳ ସି.ସି.ଟି.ଏନ.ଏସ. କୋର ଆପ୍ଲିକସନ ସଫ୍‌ଟୱେର ମାଧ୍ୟମରେ ପ୍ରତିପାଦିତ କରାଯାଇଥିବା ଦଲିଲମାନ ଗ୍ରହଣ ଯୋଗ୍ୟ ହେଉଛି ।

୧୨. ଥାନାର ଷ୍ଟେସନ ଡାଇରି ଅନଲାଇନରେ କରାଯାଉଥିବାରୁ ତାହା କାରାସାଦିବିହୀନ ହୋଇଛି ।

୧୩. ବର୍ତ୍ତମାନ ପର୍ଯ୍ୟନ୍ତ ମୋଟ ୨୫,୪୭୬ ଜଣ ପୁଲିସ କର୍ମଚାରୀ ସି.ସି.ଟି.ଏନ.ଏସ.ର ବ୍ୟବହାର ସଂପର୍କରେ ତାଲିମପ୍ରାପ୍ତ ହୋଇଛନ୍ତି ।

୧୪. ମୋଟ ୧୮ ପ୍ରକାରର ସେବା "ଓଡିଶା ପୁଲିସ ସିଟିଜେନ ପୋର୍ଟାଲ" ମାଧ୍ୟମରେ

ସମସ୍ତ ନାଗରିକ ମାନଙ୍କ ପାଇଁ ଉପଲବ୍ଧ ହେଉଅଛି । ଏହାଦ୍ୱାରା ଜନସାଧାରଣ ଥାନାକୁ ନଯାଇ ନିଜ ଘରେ ବସି ମୋବାଇଲ / କମ୍ପ୍ୟୁଟର ମାଧ୍ୟମରେ ଖୁବ୍ କମ ସମୟ୍ ମଧ୍ୟରେ ଓଡିଶା ପୁଲିସର ବିଭିନ୍ନ ସେବାମାନ ପାଇପାରିବେ ।

୧୫. ସମ୍ପ୍ରତି ବୈଷୟିକ ଜ୍ଞାନକୌଶଳରେ ଓଡିଶା ପୁଲିସ ଦେଶର ଆଗଧାଡିର ରାଜ୍ୟ ପୁଲିସମାନଙ୍କ ମଧ୍ୟରେ ଅନ୍ୟତମ ଭାବେ ପରିଗଣିତ ହେଉଅଛି ଏବଂ ଏଥିପାଇଁ ନିକଟରେ ବେଷ୍ଟ ପ୍ରାକ୍ଟିସ ପାଇଁ ଜାତୀୟ ଅପରାଧି ନଥି ସଂସ୍ଥା ତରଫରୁ ପୁରସ୍କୃତ ହୋଇଅଛି ।

୧୬. ୨୦୦୫ ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ତ Archival ତଥ୍ୟମାନ ଶତ ପ୍ରତିଶତ Core Appliation Software କୁ ପଠାଯାଇଛି ।

୧୭. ସମସ୍ତ ତଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଫାୟାରୱାଲ ଏବଂ ନିରାପତ୍ତା ବିଧି ମାନ ଗ୍ରହଣ କରାଯାଇଛି ।

୧୮. "ସହାୟତା": ଓଡିଶା ପୁଲିସ ଜନସାଧାରଣମାନଙ୍କୁ ସମୟଭିତ୍ତିକ ସେବା ଯୋଗାଇ ଦେବାପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ । ଜନସାଧାରଣଙ୍କୁ ଉନ୍ନତ ଏବଂ ତ୍ୱରିତ ସେବା ଯୋଗାଇଦେବାପାଇଁ ଓଡିଶା ପୁଲିସ ତରଫରୁ "ସହାୟତା": ନାମରେ ଏକ ମୋବାଇଲ ଆପ୍ଲିକେସନ ବିକଶିତ କରାଯାଇଛି ଯାହାକି "ଆଣ୍ଡ୍ରଏଡ ପ୍ଲେଷ୍ଟୋର" ଏବଂ IOS ରେ ଉପଲବ୍ଧ ।

୧୯. ଆରକ୍ଷୀ ମୋବାଇଲ ଆପ୍ଲିକେସନ୍ : ତଦନ୍ତକାରୀ ଅଧିକାରୀ ଅପରାଧସ୍ଥଳରେ ଉପସ୍ଥିତ ରହି ତଦନ୍ତ କରିବା ନିମନ୍ତେ "ଆରକ୍ଷୀ" ନାମକ ମୋବାଇଲ ଆପ୍ଲିକେସନ ବିକଶିତ କରାଯାଇଛି ଯାହାଦ୍ୱାରା ତଦନ୍ତ ପ୍ରକିୟା ଅଧିକ ସରଳ ହୋଇପାରୁଛି ।

୨୦. ଦ୍ରାଘିମା/ଅକ୍ଷାଂଶ ମୋବାଇଲ ଆପ୍ଲିକେସନ: ତଦନ୍ତକାରୀ ଅଧିକାରୀଙ୍କ ତଦନ୍ତରେ ସୁବିଧା ନିମନ୍ତେ ଏକ ଦ୍ରାଘିମା/ଅକ୍ଷାଂଶ ମୋବାଇଲ ଆପ୍ଲିକେସନ ମଧ୍ୟ ଉପଲବ୍ଧ ।

୨୧. ପୁଲିସ କର୍ମଚାରୀମାନଙ୍କ ଦୈନନ୍ଦିନ କାର୍ଯ୍ୟକାରିତା ଉପରେ ନଜର ରଖିବା ଉଦ୍ଦେଶ୍ୟରେ ଉଚ୍ଚ ଅଧିକାରୀମାନଙ୍କ ନିମନ୍ତେ ଡ୍ୟାସବୋର୍ଡର ବ୍ୟବସ୍ଥା କରାଯାଇଛି ।

୨୨. ଅନଲାଇନରେ ଦେୟ ନିମନ୍ତେ "ଓଡିଶା ପୁଲିସ ସିଟିଜେନ ପୋର୍ଟାଲ" ଏବଂ ମୋବାଇଲ ଆପ୍ଲିକେସନ କୁ ଏକୀକୃତ କରାଯାଇଛି ।

୨୩. ଗୋଷ୍ଠୀ ଭିତ୍ତିକ ସନ୍ଦେଶ ପ୍ରେରଣ ସେବା ମଧ୍ୟ ସଫଳ ଭାବେ ପ୍ରଚଳନ କରାଯାଇଛି ।

୨୪. ଫାଇନାଲ ଫର୍ମ ଦାଖଲ କରିବାର ୬୦/୧୨୦/୧୮୦ ଦିନର ବୈଧାନିକ ସମୟସୀମାକୁ ନିୟନ୍ତ୍ରିତ କରାଯାଇଛି ।

୨୫. ଜନସାଧାରଣ ଅନୁରୋଧ କରିଥିବା ସେବାର ସ୍ଥିତି ଜାଣିବା ପାଇଁ "ସହାୟତା" ଏସ.ଏମ୍.ଏସ୍ ଏବଂ ଇ–ମେଲ ସେବାର ବ୍ୟବସ୍ଥା କରାଯାଇଛି ।

୨୬. ନୋ ଅବଜେକସନ ସାର୍ଟିଫିକେଟ ମୁଦ୍ରଣ ପଦ୍ଧତିରେ କ୍ୟୁ.ଆର. କୋଡ ଏବଂ ଫୋଟୋଗ୍ରାଫ କାର୍ଯ୍ୟକାରୀ କରାଯାଇଛି ।

୨୭. ନୋ ଅବଜେକସନ ସାର୍ଟିଫିକେଟର ବାସ୍ତବିକତା ଯାଞ୍ଚ କରିବା ପାଇଁ ଜନସାଧାରଣଙ୍କ ପାଇଁ ଏକ୍ସଟରନାଲ ଲିଙ୍କ ବ୍ୟବସ୍ଥା କରାଯାଇଛି ।

୨୮. ପରିବହନ ବିଭାଗ ଦ୍ୱାରା ବିକଶିତ ହୋଇଥିବା ବାହନ ଏବଂ ସାରଥି ସେବାକୁ ସି.ସି.ଟି.ଏନ.ଏସ. କୋର ଆପ୍ଲିକେସନ ସଫ୍ଟୱେର ବ୍ୟବସ୍ଥାରେ ଏକୀକୃତ କରାଯାଇଛି ।

୨୯. ଭାରତ ସରକାରଙ୍କ ସଡକ ପରିବହନ ବିଭାଗ ଦ୍ୱାରା ଆବଶ୍ୟକ ହେଉଥିବା ତଥ୍ୟ ବିଶ୍ଳେଷଣ ଅନୁପାଳନ କରିବା ନମିନ୍ତେ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ମଡ୍ୟୁଲ ବିକଶିତ କରାଯାଇଛି । ଏହି ମଡ୍ୟୁଲ ଏକ ବିଶ୍ଳେଷଣ ମୂଳକ ବିବରଣୀ ପ୍ରଦାନ କରିଥାଏ ଯାହା ଦୁର୍ଘଟଣାଜନିତ ମୃତ୍ୟୁକୁ ହ୍ରାସ କରିବା ସହିତ ସଡକ ସୁରକ୍ଷା ପାଇଁ ହେଉଥିବା ନୂତନ ନୀତି ଗୁଡିକର ସଫଳ କାର୍ଯ୍ୟକାରିତାରେ ସହାୟକ ହୋଇଥାଏ ।

୩୦. ଏଣିକି କୌଣସି ଅପରାଧର ଡାକ୍ତରୀ ତଥ୍ୟ ପାଇବା ପାଇଁ ତଦନ୍ତକାରୀ ଅଧିକାରୀ ମାନେ ସିଧାସଳଖ ଚିକିତ୍ସାଧିକାରୀ ମାନଙ୍କୁ ସି.ସି.ଟି.ଏନ୍.ଏସ୍. କୋର ଆପ୍ଲିକେସନ ସଫ୍ଟୱେର ମାଧ୍ୟମରେ ଅନୁରୋଧ ପତ୍ର ପ୍ରେରଣ ଏବଂ ଗ୍ରହଣ କରିପାରିବେ । ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ "ମେଡିକାଲ ଲିଗାଲ ଓପିନିୟନ ସିଷ୍ଟମ" (MLOS) ନାମକ ଏକ ମଡ୍ୟୁଲ ବିକଶିତ କରାଯାଉଛି ଯାହାଦ୍ୱାରାକି ଏଭଳି ସଂବେଦଶୀଳ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ କମ ସମୟ ମଧ୍ୟରେ କାର୍ଯ୍ୟକାରୀ କରାଯାଇପାରିବ ।

୩୧. ଭୌଗଳିକ ତଥ୍ୟ ଅନୁଯାୟୀ ଦୁର୍ଘଟଣାସ୍ଥଳର ସଠିକ ନିରୂପଣ ତଥା ସମ୍ପୃକ୍ତ ଥାନର କାର୍ଯ୍ୟକାରୀ ପରିସୀମାକୁ ନିଶ୍ଚିତ କରିବା ନିମନ୍ତେ "ଆର୍କ–ଜିଆଇଏସ" (ARC-GIS) ନାମକ ସର୍ଭରକୁ ସି.ସି.ଟି.ଏନ୍.ଏସ୍. କୋର ଆପ୍ଲିକେସନ ସଫ୍ଟୱେର ଡାଟାବେସ ଦ୍ୱାରା ଏକୀକୃତ କରାଯାଇଛି । ବର୍ତ୍ତମାନ ରାଜ୍ୟର ସମସ୍ତ ଥାନା ଗୁଡିକର ପରିସୀମା ଭୌଗୋଳିକ ଘେରାବନ୍ଦୀ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବାରୁ ଏହା ତଦନ୍ତକାରୀ ଅଧିକାରୀ ମାନଙ୍କୁ ଅଧିକ ସହାୟକ ହେଉଅଛି ।

୩୨. ରାଜ୍ୟ ସରକାରଙ୍କ ଦ୍ୱାରା ନିକଟରେ ଘୋଷଣା କରାଯାଇଥିବା ୫T ଯୋଜନା ଅନ୍ତର୍ଗତ "ମୋ ସରକାର" ବ୍ୟବସ୍ଥାର ସଫଳ ରୂପାୟନ ନିମନ୍ତେ ଏକ ରାଜ୍ୟସ୍ତରୀୟ କଲ ସେଣ୍ଟର ରାଜ୍ୟ ଅପରାଧ ନଥି ସଂସ୍ଥା ଅଧୀନରେ କାର୍ଯ୍ୟ କରୁଛି । ପୁଲିସ ଥାନାକୁ ଆସୁଥିବା ବିଭିନ୍ନ ଅଭିଯୋଗକାରୀ / ନାଗରିକ ମାନଙ୍କୁ ପୁଲିସର ବ୍ୟବହାରିକ / ଭାଷାଗତ ଏବଂ କ୍ରିୟାଗତ ମାନ ନିର୍ଦ୍ଧାରଣ କରିବା ନିମନ୍ତେ ସେମାନଙ୍କ ମତାମତ ସଂଗ୍ରହ କରାଯାଉଛି । ଏଥିପାଇଁ ଏକ FEEDBACK MANAGEMENT SYSTEM ନାମକ ଏକ ଡ୍ୟାସବୋର୍ଡର ବ୍ୟବସ୍ଥା କରାଯାଇଛି ଯାହାକି ବହୁତ ଉପଯୋଗୀ ହେଉଛି ।

## ୬. ରାଜ୍ୟ ଅଙ୍ଗୁଳିଛାପ ସଂସ୍ଥା, ଭୁବନେଶ୍ୱର

୧୯୩୬ ମସିହା ଅପ୍ରେଲ ପହିଲାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବା ଦିନଠାରୁ "ଓଡିଶା ଅଙ୍ଗୁଳିଛାପ ସଂସ୍ଥା" ଗଠିତ ହୋଇଥିଲା ।

୩୨ଟି ଜିଲ୍ଲାରେ, ୨୦୦୨ ମସିହାରୁ ଜିଲ୍ଲା ଅଙ୍ଗୁଳିଛାପ ୟୁନିଟ୍‌ଗୁଡିକୁ କାର୍ଯ୍ୟକ୍ଷମ କରାଯାଇଛି । ଉନ୍ନତ ମାନର Automated Finger Print Identification System ସଫଟଓୟାର ରାଜ୍ୟ ଅପରାଧ ନଥି ସଂସ୍ଥା HCI Server ରେ ସ୍ଥାପନ କରାଯାଇଅଛି । ସମସ୍ତ ଆରକ୍ଷୀ ଜିଲ୍ଲା ଅଙ୍ଗୁଳିଛାପ ୟୁନିଟମାନଙ୍କୁ ଫିଙ୍ଗରପ୍ରିଣ୍ଟ ଲାଇଭ ସ୍କାନର ଯୋଗାଇଦିଆଯାଇ ଅପରାଧୀମାନଙ୍କର ଉନ୍ନତମାନର ଅଙ୍ଗୁଳିଛାପ ଏଫିସ୍ ଡାଟାବେସ (AFIS) ରେ ସଂରକ୍ଷଣ କରାଯାଉଛି । ୨୦୭ ଗୋଟି ଥାନାକୁ ସିଙ୍ଗଲ ଡିଜିଟି ଫିଙ୍ଗରପ୍ରିଣ୍ଟ ଲାଇଭ ସ୍କାନର (Single Digit Finger Print Live Scanner) ଅପରାଧୀମାନଙ୍କର ଅଙ୍ଗୁଳିଛାପ ତଥ୍ୟ ଏଫିସ୍ ଡାଟାବେସ (AFIS Database) କୁ ସିଧାସଳଖ ପ୍ରେରଣ ପାଇଁ ଯୋଗାଇ ଦିଆଯାଇଅଛି ।

ଚଳିତ ବର୍ଷ ମୋଟ ୬୫୯୭ ଜଣ ଗିରଫ ସନ୍ଦିଗ୍ଧ ଅପରାଧୀଙ୍କ ଅଙ୍ଗୁଳି ଛାପ ଏଫିସ୍ ମାଧ୍ୟମରେ ଯାଞ୍ଚ କରାଯାଇ ତଥ୍ୟବାଳୀ ଜିଲ୍ଲା ମାନଙ୍କୁ ଯୋଗାଇ ଦିଆଯାଇଛି ।

୨୦୧୯ ମସିହାରେ ୫୯ ଜଣ ଦଣ୍ଡିତ ଅପରାଧୀଙ୍କର ଅଙ୍ଗୁଳିଛାପ ନଥି ଫର୍ଦ୍ଦକୁ ପରୀକ୍ଷଣ ଓ ବର୍ଗୀକରଣ କରାଯାଇ ରାଜ୍ୟ ଅଙ୍ଗୁଳିଛାପ ସଂସ୍ଥାରେ ସଂରକ୍ଷଣ କରାଯାଇଅଛି ।

ମୋଟ ୨,୧୧,୫୧୫ ଜଣ ଗିରଫ ବ୍ୟକ୍ତି ଓ ଦଣ୍ଡିତ ଅପରାଧୀ ଏବଂ ୫,୯୫୩ ଟି ଅଜ୍ଞାତ ଅଙ୍ଗୁଳିଛାପ ନଥି ଫର୍ଦ୍ଦକୁ ଏଫିସ୍ ଡାଟାବେସ୍(AFIS database) ରେ ସଂରକ୍ଷିତ କରାଯାଇଅଛି ।

୧୯ ଜଣ ଅଚିହ୍ନା ମୃତବ୍ୟକ୍ତି ଏବଂ ଅନ୍ୟ ରାଜ୍ୟରୁ ଆସିଥିବା ୩ ଜଣ ଦଣ୍ଡିତ ଅପରାଧୀମାନଙ୍କର ଅଙ୍ଗୁଳି ଛାପ ନଥିଫର୍ଦ୍ଦ ଏବଂ ୨୬ଗୋଟି ଅପରାଧସ୍ଥଳରୁ ସଂଗୃହୀତ

ହୋଇଥିବା ଏଫିସ୍ ଡାଟାବେସ୍ ଦ୍ୱାରା ତନଖି କରାଯାଇ ମତାମତ ପ୍ରଦାନ କରାଯାଇଛି ଏଫିସ୍ ଡାଟାବେସରେ ତନଖି କରାଯାଇ ମତାମତ ପ୍ରଦାନ କରାଯାଇଅଛି ।

୫୯ ଜଣ ଦଣ୍ଡିତ ଅପରାଧୀ ଏବଂ ୫୩୨୨ ଜଣ ଗିରଫ ସନ୍ଦିଗ୍ଧ ଅପରାଧୀଙ୍କର ଅଙ୍ଗୁଳିଛାପ ନଥିଫର୍ଦ୍ଦ ତନଖି କରାଯାଇ ଜାତୀୟ ଅପରାଧ ନଥିସଂସ୍ଥା, ନୂଆଦିଲ୍ଲୀକୁ ଯାଞ୍ଚ ଓ ପଞ୍ଜୀକରଣ ପାଇଁ ପଠାଯାଇଅଛି ।

୨୫୯ଟି ମାମଲାରେ (ଅପରାଧ ସ୍ଥଳରୁ ସଂଗୃହୀତ ଅଙ୍ଗୁଳିଛାପ ମାମଲା–୨୪୪, ସରକାରୀ ଦଲିଲରେ ଥିବା ବିବାଦୀୟ ଟିପଚିହ୍ନ ମାମଲା–୧୧ ଏବଂ ବିଚାରାଳୟରୁ ଆସିଥିବା ଦଲିଲରେ ବିବାଦୀୟ ଟିପଚିହ୍ନ ମାମଲା–୪) ଅଙ୍ଗୁଳିଛାପ ପରୀକ୍ଷା କରାଯାଇ ମତାମତ ପ୍ରଦାନ କରାଯାଇଥିଲା ।

ଏହିବର୍ଷ ୨୯୨ ଜଣ ଆରକ୍ଷୀ ଅଧିକାରୀ ଏବଂ ବିଚାର ବିଭାଗୀୟ ଅଧିକାରୀମାନଙ୍କୁ ଅଙ୍ଗୁଳିଛାପ ବିଜ୍ଞାନ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଅଛି ।

## ସଫଳତା

୧୫ ଟି ମାମଲାରେ ଅପରାଧ ସ୍ଥଳରୁ ମିଳିଥିବା ୩୮ଟି ଅଙ୍ଗୁଳିଛାପ ଗୁଡିକୁ ପରୀକ୍ଷା କରାଯାଇ ୨୦ ଜଣ ଅପରାଧୀଙ୍କର ନାମ ସଂପୃକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ଜଣାଇ ଦିଆଯାଇଥିଲା, ଯାହାକି ତଦନ୍ତକାରୀ ଅଧିକାରୀମାନଙ୍କୁ ତଦନ୍ତରେ ସାହାଯ୍ୟ କରିଥିଲା ।

୧୫ଟି ମାମଲା (୧୧ଟି ସରକାରୀ ଓ ୪ଟି ଦେୱାନୀ)ରେ ଅଙ୍ଗୁଳିଛାପ ଜରିଆରେ ୬୩ ଅପରାଧୀଙ୍କୁ ଚିହ୍ନଟ କରାଯାଇ ଦୋଷୀ ସାବ୍ୟସ୍ତ କରାଯାଇପାରିଥିଲା ।

୮୨୦ ଦଣ୍ଡିତ ଓ ଗିରଫ ଅପରାଧୀମାନଙ୍କର ଅଙ୍ଗୁଳିଛାପ ଏଫିସ (AFIS) ମାଧ୍ୟମରେ ପରୀକ୍ଷା କରାଯାଇ ସେମାନଙ୍କର ପୂର୍ବ ଅପରାଧ ସମ୍ବନ୍ଧୀୟ ତଥ୍ୟ ଜଣାଇ ଦିଆଯାଇଅଛି ।

୭. ହସ୍ତାକ୍ଷର ପରୀକ୍ଷାଗାର

ଓଡିଶା ରାଜ୍ୟ ପୁଲିସ୍ ଦଣ୍ଡବିଧି ତଦନ୍ତ ବିଭାଗ, ଅପରାଧ ଶାଖା ଅଧୀନରେ ଥିବା ହସ୍ତାକ୍ଷର ପରୀକ୍ଷାଗାରରେ ଜାଲିଆତି, ଯୌତୁକଜନିତ ଅପରାଧ, ରାଜ୍ୟ ବିରୁଦ୍ଧରେ ଷଡଯନ୍ତ୍ର, ହତ୍ୟା, ଅର୍ଥ ତୋଷରପାତ, ଜାଲ ନୋଟ୍ କାରବାର ଇତ୍ୟାଦି ଅପରାଧ ସମ୍ବନ୍ଧୀୟ ଦଲିଲ୍ ପରୀକ୍ଷା କରାଯାଇ ବିଶେଷଜ୍ଞ ମାନଙ୍କର ମତ ପ୍ରଦାନ କରାଯାଏ । ଏତଦ୍‌ବ୍ୟତୀତ, ସରକାରୀ କର୍ମଚାରୀମାନଙ୍କ ବିରୁଦ୍ଧରେ କରାଯାଇଥିବା ବିଚାର ବିଭାଗୀୟ ପ୍ରୋସିଡିଙ୍ଗ୍‌ରେ ସମ୍ପୃକ୍ତଥିବା ଦଲିଲମାନ ମଧ୍ୟ ପରୀକ୍ଷା କରାଯାଏ । ଏଥିସହ, ଏହି ପରୀକ୍ଷାଗାରରେ ନ୍ୟାୟାଳୟ ଓ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ଗ୍ରହଣ କରାଯାଇଥିବା ଦଲିଲମାନ ପରୀକ୍ଷା କରାଯାଇଥାଏ ।

ଏହି ପରୀକ୍ଷାଗାରରେ କାର୍ଯ୍ୟରତ ହସ୍ତାକ୍ଷର ବିଶେଷଜ୍ଞମାନେ ପ୍ରୋବେସନାରୀ ଆରକ୍ଷୀ ଉପନିରୀକ୍ଷକ, କାରାଗାର କର୍ମଚାରୀ, ସର୍ବଭାରତୀୟ ଓ ରାଜ୍ୟସ୍ତରୀୟ ବୃତ୍ତିଗତ ଶିକ୍ଷାର୍ଥୀ, ବିଜୁ ପଟ୍ଟନାୟକ ରାଜ୍ୟ ଆରକ୍ଷୀ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀ, ଡାକ୍ତରୀ ଛାତ୍ର, ଛାତ୍ରୀ ତଥା ବିଭିନ୍ନ ବିଚାରାଳୟର ବିଚାରପତିମାନଙ୍କୁ ତାଲିମ ପ୍ରଦାନ କରିଥାନ୍ତି ।

୨୦୧୯ ମସିହାରେ ଏହି ପରୀକ୍ଷାଗାରରେ ସମୁଦାୟ ୧୮୯ ଟି ପୁଲିସ୍ ମାମଲା ସମ୍ବନ୍ଧିତ ୨୫,୦୯୯ ସଂଖ୍ୟକ ଦଲିଲ ଓ ୨୪ଟି ଦୁର୍ନୀତି ନିବାରଣ ମାମଲାର ୩୯୮୦ ସଂଖ୍ୟକ ଦଲିଲ ପରୀକ୍ଷା କରାଯାଇ କରାଯାଇ ମତ ପ୍ରଦାନ କରାଯାଇଥିଲା । ସେହିପରି ନ୍ୟାୟାଳୟ ଏବଂ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ୧୫ ଟି ମୋକଦ୍ଦମାର ୫୯୬ ସଂଖ୍ୟକ ଦଲିଲ୍ ପରୀକ୍ଷା କରାଯାଇ ପରୀକ୍ଷା ଫିସ୍ ବାବଦକୁ ଟ ୫୧,୯୦୦ ଙ୍କା ଆଦାୟ କରାଯାଇ ସରକାରୀ ତହବିଲରେ ଜମା କରାଯାଇଅଛି ।

୮. ଫଟୋ ସଂସ୍ଥା–

୨୦୧୯ ମସିହାରେ ଉକ୍ତ ସଂସ୍ଥା ଦ୍ୱାରା ୨୬୮ ଟି ମାମଲାରେ ୯୬୩ ଟି ଆଙ୍ଗୁଳିଛାପ ଫଟୋ, ହସ୍ତାକ୍ଷର ବିଶେଷଜ୍ଞଙ୍କ ମତାମତ ପାଇଁ ୧୩୧ ଟି ମାମଲାରେ ୫୬୮୯

ଏକଜିବିଟ୍ସ ନେଗେଟିଭ ପ୍ରସ୍ତୁତି କରି ଆବଶ୍ୟକ ଫଟୋ ଚିତ୍ର ପ୍ରସ୍ତୁତ କରିବା ସହ ୩୮ଜଣ କର୍ମଚାରୀଙ୍କ ପାଇଁ ପରିଚୟ ପତ୍ର ଏବଂ ଗଣ ମାଧ୍ୟମରେ ପ୍ରଚାର ପାଇଁ ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କର ଫଟୋ କପି ପ୍ରସ୍ତୁତ କରାଯାଇଅଛି ।

ଉକ୍ତ ସଂସ୍ଥା ଅପରାଧସ୍ଥଳ, ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ୧୫୩ ଟି ଘଟଣାର ଭିଡିଓ ଚିତ୍ର ଉତ୍ତୋଳନ କରିବା ସହ ବିଶିଷ୍ଟ ବ୍ୟକ୍ତିଙ୍କର ଗସ୍ତ ସମୟରେ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ମାନଙ୍କର ଯନ୍ତ୍ରପାତିଗୁଡିକ ଯାଞ୍ଚ କରିଥିଲେ ।

୯. କେ–ନାଇନ୍ ସ୍କ୍ୱାଡ୍

୧୯୬୧ ମସିହାଠାରୁ ଓଡିଶା ପୁଲିସ୍ ଶ୍ୱାନବାହିନୀ, ରାଜ୍ୟ ଅପରାଧ ତଦନ୍ତ ବିଭାଗ ଅଧିନରେ କାର୍ଯ୍ୟକରିଆସୁଅଛି । ଏତଦ୍‌ବ୍ୟତୀତ ,ଶ୍ୱାନ ବାହିନୀ ୨୪ ଟି ଜିଲ୍ଲାରେ କାର୍ଯ୍ୟ କରୁଅଛି । ରାଜ୍ୟ ଶ୍ୱାନବାହିନୀରେ ନିମ୍ନ ପ୍ରକାରର ତାଲିମପ୍ରାପ୍ତ ଶ୍ୱାନ ଅଛନ୍ତି (କ) ଟ୍ରାକିଙ୍ଗ୍ ଶ୍ୱାନ, (ଖ) ବିସ୍ଫୋରକ ସାମଗ୍ରୀ ଅନୁସନ୍ଧାନକାରୀ ଶ୍ୱାନ , (ଗ) ମାଦକ ଦ୍ରବ୍ୟ ଅନୁସନ୍ଧାନକାରୀ ଶ୍ୱାନ ଓ (ଘ) ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନୁସନ୍ଧାନ ଓ ସାହାଯ୍ୟକାରୀ ଶ୍ୱାନ । ୨୦୧୯ ମସିହାରେ ଟ୍ରାକିଙ୍ଗ୍ ଶ୍ୱାନମାନେ ୭୨୦ ଗୋଟି ମାମଲାର ତଦନ୍ତରେ ସାହାଯ୍ୟ ପାଇଁ ନିୟୋଜିତ ହୋଇଥିଲେ, ତନ୍ମଧ୍ୟରୁ ୨୧୩ ଟି ମାମଲାରେ ଅନୁସନ୍ଧାନର ସୂତ୍ର ବାହାରିଥିଲା । ୫୧ ଟି ମାମଲାରେ ଶ୍ୱାନମାନଙ୍କ ପ୍ରଶଂସନୀୟ କାର୍ଯ୍ୟ ଯୋଗୁଁ ଅପରାଧୀମାନେ ଗିରଫ ହେବା ସହ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଥିଲା । ଏତଦ୍‌ବ୍ୟତୀତ, ବିସ୍ଫୋରକ ଅନୁସନ୍ଧାନକାରୀ ଶ୍ୱାନମାନେ ୧୩୫୬ ଗୋଟି ଘଟଣା ଯଥା– ଅତି ବିଶିଷ୍ଟ ବ୍ୟକ୍ତିମାନଙ୍କ ଗସ୍ତ, ଆଇନ୍ ଶୃଙ୍ଖଳା ପରିସ୍ଥିତି ଏବଂ ନକ୍ସଲ ଦମନ ସମୟରେ ରାଜ୍ୟରେ ନିୟୋଜିତ ହୋଇଥିଲେ ।

୧୦. ବେତାର ବିଭାଗ:

ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା ଓ ମାଓବାଦୀ କାର୍ଯ୍ୟକଳାପ ପ୍ରତିହତ କରିବାପାଇଁ ୨୦୧୯ ମସିହାରେ ୪୦ ଗୋଟି ସ୍ଥାୟୀ ହସ୍ତବାହୀ ଭି.ଏଚ୍.ଏଫ. ଯନ୍ତ୍ର

ରାଜ୍ୟର ବିଭିନ୍ନ ପଦସ୍ଥ ପୁଲିସ ଅଫିସରମାନଙ୍କୁ ପ୍ରଦାନ କରାଯାଇଅଛି । ପୁଲିସ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ୨୩ ଗୋଟି ନୂତନ ଭି.ଏଚ୍.ଏଫ. କେନ୍ଦ୍ର ସ୍ଥାୟୀ ଭାବେ ସ୍ଥାପନ କରାଯିବା ସହିତ ରାଜ୍ୟର ବିଭିନ୍ନ ଥାନା ମାନଙ୍କରେ ଥିବା ଗାଡି ଏବଂ ପୁଲିସ୍ କଣ୍ଟ୍ରୋଲ ରୁମ୍ ଗାଡି ଗୁଡିକରେ ୩୩ ଟି ଭ୍ରାମ୍ୟମାଣ ଭି.ଏଚ୍.ଏଫ୍. ଯନ୍ତ୍ର ସ୍ଥାୟୀ ଭାବେ ଖଞ୍ଜା ଯାଇଅଛି । ବନ୍ୟା ପ୍ରପୀଡିତ ଅଞ୍ଚଳରେ ଯୋଗାଯୋଗ ରକ୍ଷା ନିମନ୍ତେ ୨୦୧୯ରେ ୧୬ ଗୋଟି ଭି.ଏଚ୍.ଏଫ୍. କେନ୍ଦ୍ର ସ୍ଥାପନ କରାଯାଇଥିଲା । ଏତଦ୍‌ବ୍ୟତୀତ, ପର୍ବ ପର୍ବାଣୀ, ବିଶିଷ୍ଟ/ଅତି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଗସ୍ତ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପର୍ଯ୍ୟାୟକ୍ରମେ ୧୨୪୯୩ ଗୋଟି ସ୍ଥିର/ଭ୍ରାମ୍ୟମାଣ ଭି.ଏଚ୍.ଏଫ୍. ଏବଂ ୧୨୬୦୨ ଗୋଟି ହସ୍ତବାହୀ ବେତାର ଯନ୍ତ୍ର ଅସ୍ଥାୟୀ ଭାବେ ନିୟୋଜିତ ହୋଇଥିଲା । ସମ୍ପ୍ରତି ରାଜ୍ୟରେ ଦ୍ରୁତ ବାର୍ତ୍ତା ସରବରାହ ପାଇଁ ୪୫ଟି ଡାଟା କମ୍ୟୁନିକେସନ ସିଷ୍ଟମ କାର୍ଯ୍ୟ କରୁଅଛି ।

ସମ୍ପ୍ରତି ରାଜ୍ୟର ୨ ଟି ପାରାକେନ୍ଦ୍ର ଯଥା– କେନ୍ଦ୍ରୀୟ ଅଭିଜନନ କେନ୍ଦ୍ର, କଟକ ଓ ପୁଲିସ୍ ତାଲିମ କେନ୍ଦ୍ର, ଅନୁଗୁଳ ଠାରେ ୧୫୯ ଗୋଟି ପାରା ଅଛନ୍ତି । ଏହି ପାରାଗୁଡିକୁ ରାଜ୍ୟସ୍ତରୀୟ ଉତ୍ସବ ଓ ଆନୁଷ୍ଠାନିକ ପ୍ୟାରେଡରେ ଶାନ୍ତି ଓ ମୈତ୍ରୀ ର ବାର୍ତ୍ତା ପ୍ରସାର ପାଇଁ ନିୟୋଜିତ କରାଯାଇଥାଏ । ଏହି ପାରାଗୁଡିକୁ ୩୦ ଟି ରାଜ୍ୟସ୍ତରୀୟ ଉତ୍ସବରେ ଉଡାଣ କରାଯାଇଥିଲା ।

## ୧୧. ପୁଲିସ୍ ମୋଟର ପରିବହନ

ପୁଲିସ୍ ମୋଟର ପରିବହନ ସଦର କାର୍ଯ୍ୟାଳୟ କଟକ ଠାରେ ଅବସ୍ଥିତ । ଏତଦ୍‌ବ୍ୟତୀତ, ସମ୍ବଲପୁର, ବ୍ରହ୍ମପୁରଠାରେ ଦୁଇଟି ରେଞ୍ଜ୍ କର୍ମଶାଳା ଏବଂ ରାଉରକେଲା ଓ କୋରାପୁଟ ଠାରେ ଦୁଇଟି ଆଞ୍ଚଳିକ କର୍ମଶାଳା ତଥା ଜିଲ୍ଲା ଓ ବାଟାଲିୟନ ସ୍ତରରେ ୧୮ ଗୋଟି କ୍ଷୁଦ୍ର କର୍ମଶାଳା ଅଛି ।

୨୦୧୯ ମସିହାରେ ପୁଲିସ୍ ମୋଟର ପରିବହନର ବିଭିନ୍ନ କର୍ମଶାଳା ମାନଙ୍କରେ ୪୦,୭୪୩ ଟି ବଡ ଧରଣର ଓ ୯୩,୪୬୫ ଟି ଛୋଟ ଧରଣର ମରାମତି କାର୍ଯ୍ୟ କରାଯାଇଥିଲା ।

୨୦୧୯ ମସିହାରେ ୪୪୭ ଟି ବିଭିନ୍ନ କିସମର ଗାଡିକୁ ଅକାମୀ କରାଯାଇଅଛି ଏବଂ ସେଗୁଡିକର ନିଲାମ ପାଇଁ ବ୍ୟବସ୍ଥା କରାଯାଇଅଛି ।

୨୦୧୯ ମସିହାରେ ଗାଡି ଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ୧୨୩ ଜଣ ଡ୍ରାଇଭରକୁ ତାଲିମ ପ୍ରଦାନ କରାଯାଇଥିଲା ଏବଂ ୪୬ ଜଣ ଡ୍ରାଇଭରଙ୍କର ତାଲିମ ପ୍ରଦାନ ଚାଲୁରହିଅଛି ।

## ୧୨. ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠ

ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠରେ ଯୌତୁକ/ଅଣଯୌତୁକ ନିର୍ଯାତନା, ତଫସିଲଭୁକ୍ତ ଜାତି/ତଫସିଲଭୁକ୍ତ ଉପଜାତି ମାନଙ୍କଉପରେ ହେଉଥିବା ଅତ୍ୟାଚାର ସମ୍ପର୍କିତ ମୋକଦ୍ଦମା ଗୁଡିକର ତଦାରଖ ତଥା ଆବଶ୍ୟକ ସ୍ଥଳେ ଏଗୁଡିକର ତଦନ୍ତ ଦାୟିତ୍ୱ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ରାଜ୍ୟରେ ଘଟୁଥିବା ହାଜତ ମୃତ୍ୟୁ ମାମଲାର ତଦାରଖ ଓ ତଦନ୍ତ ଦାୟିତ୍ୱ ଗ୍ରହଣ କରାଯାଇଥାଏ। ଏହି ପ୍ରକୋଷ୍ଠ ଜାତୀୟ ମାନବାଧିକାର ଆୟୋଗ, ରାଜ୍ୟ ମାନବାଧିକାର ଆୟୋଗ, ଜାତୀୟ ମହିଳା କମିଶନ, ରାଜ୍ୟ ମହିଳା କମିଶନ ଓ ଜାତୀୟ ଅନୁସୂଚିତ ଜାତି/ଜନଜାତି ଆୟୋଗଙ୍କର ସମନ୍ୱୟ ରକ୍ଷାକାରୀ ବିଭାଗ (ନୋଡାଲ ଏଜେନ୍ସି) ରୂପେ କାର୍ଯ୍ୟକରେ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିଭିନ୍ନ ପ୍ରତିଷ୍ଠାନରୁ ଉତ୍ତର ତଥା ଅନୁସନ୍ଧାନ ରିପୋର୍ଟ ସଂଗ୍ରହକରି ଉପରୋକ୍ତ ଆୟୋଗମାନଙ୍କୁ ପଠାଇଥାଏ। ଏହା ବ୍ୟତୀତ, ଏହି କାର୍ଯ୍ୟାଳୟରେ ଏକ ଅଭିଯୋଗ ପ୍ରକୋଷ୍ଠ ପରିଚାଳିତ ହେଉଅଛି, ଯେଉଁଠାରେ ଜନସାଧାରଣ ଜିଲ୍ଲା ପୁଲିସ୍‌ର ନିଷ୍କ୍ରିୟତା କିମ୍ବା ଅନ୍ୟ କୌଣସି କାରଣରୁ ଅଭିଯୋଗ କଲେ ଆବଶ୍ୟକ ସ୍ଥଳେ ସେମାନଙ୍କ ଅଭିଯୋଗ ଗୁଡିକର ଅନୁସନ୍ଧାନ ଏବଂ ତଦନ୍ତ କରାଯାଏ କିମ୍ବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମାନଙ୍କୁ ସମୁଚିତ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦିଆଯାଇ ସେଗୁଡିକର ତଦାରଖ କରାଯାଏ । ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ଗଠିତ ଜିଲ୍ଲା ସ୍ତରୀୟ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠର ପରିଚାଳନା ନିମନ୍ତେ ଆବଶ୍ୟକୀୟ ନିର୍ଦ୍ଦେଶନାମା ଉକ୍ତ କାର୍ଯ୍ୟାଳୟରୁ ପଠାଯାଇଥାଏ । ରାଜ୍ୟ ସରକାରଙ୍କ ସମାଜ ମଙ୍ଗଳ ବୋର୍ଡ ଦ୍ୱାରା ନିଯୁକ୍ତି ପାଇଥିବା ବୃତ୍ତି ଭିତ୍ତିକ ପରାମର୍ଶଦାତ୍ରୀମାନଙ୍କୁ ନେଇ

ଏକ ପରିବାର ପରାମର୍ଶ କେନ୍ଦ୍ର ମଧ୍ୟ ଏହି କାର୍ଯ୍ୟାଳୟରେ ଖୋଲାଯାଇଛି । ଏହି କେନ୍ଦ୍ର ଦ୍ୱାରା ପାରିବାରିକ ମନୋମାଳିନ୍ୟ ଓ ଦାମ୍ପତ୍ୟ କଳହ ଗୁଡିକର ଆପୋଷ ମିଳାମିଶା କରାଯାଇଥାଏ । ଏହାଛଡା ପ୍ରତ୍ୟେକ ଥାନାରେ ମହିଳା ଓ ଶିଶୁ ଡେସ୍କର କାର୍ଯ୍ୟକାରିତା ଏବଂ ଥାନା ଅଫିସରମାନଙ୍କ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥାଏ । ୨୦୧୯ ମସିହାରେ ଉକ୍ତ ପରିବାର ପରାମର୍ଶ କେନ୍ଦ୍ରରେ ୧୭୮ ଟି ଅଭିଯୋଗ ପ୍ରାପ୍ତ ହୋଇଥିଲା । ତନ୍ମଧ୍ୟରୁ ୧୩୨ ଟି ଅଭିଯୋଗର ସମାଧାନ ହୋଇସାରିଛି ଏବଂ ଅବଶିଷ୍ଟ ୪୬ ଟି ଅଭିଯୋଗରେ ଉଭୟ ପକ୍ଷ ମଧ୍ୟରେ ମିଳାମିଶା ପ୍ରକ୍ରିୟା ଚାଲୁରହିଛି ।

ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଉପଜାତିଙ୍କ ଉପରେ ୨୦୧୯ ମସିହାରେ ରୁଜୁ ହୋଇଥିବା ସର୍ବମୋଟ ୨୪୬୯ ଟି ମାମଲା ମଧ୍ୟରୁ ୬୯୮ ଟି ମାମଲାର ଚାର୍ଜସିଟ୍ ଦାଖଲ କରାଯାଇଅଛି ଏବଂ ୨୩୩ ଟି ମାମଲା ସମାଧାନ ହୋଇସାରିଛ ଏବଂ ଅବଶିଷ୍ଟ ୧୫୩୮ଟି ମାମଲା ତଦନ୍ତାଧୀନ ଅଛି ।

୨୦୧୯ ମସିହାରେ ଏହି ପ୍ରକୋଷ୍ଠ ଦ୍ୱାରା ୫ଟି ମାମଲାର ତଦନ୍ତ ଦାୟିତ୍ୱ ଗ୍ରହଣ କରାଯାଇଥିଲା ଏବଂ ଏହି ୫ଟି ମାମଲା ତଦନ୍ତାଧୀନ ଅଛି ।

୨୦୧୯ ମସିହାରେ ଅଭିଯୋଗ ପ୍ରକୋଷ୍ଠରେ ୨୩୩ଟି ଯୌତୁକ ଜନିତ ଅପରାଧ ଉପରେ ହୋଇଥିବା ଅଭିଯୋଗ ମିଳିଥିଲା । ତନ୍ମଧ୍ୟରୁ ୨୯ଟି ଅଭିଯୋଗର ଅନୁସନ୍ଧାନ କରାଯାଇ ସମାଧାନ ହୋଇଥିବା ସ୍ଥଳେ ଅବଶିଷ୍ଟ ୨୦୪ଟି ଅଭିଯୋଗ ବିଭିନ୍ନ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟକୁ କାର୍ଯ୍ୟାନୁଷ୍ଠାନ ନିମିତ୍ତ ପ୍ରେରଣ କରାଯାଇଛି ।

୨୦୧୯ ମସିହାରେ ଅଭିଯୋଗ ପ୍ରକୋଷ୍ଠରେ ୯୪ ଟି ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଉପଜାତି ମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ସମ୍ବନ୍ଧୀୟ ଅଭିଯୋଗ ମିଳିଥିଲା । ତନ୍ମଧ୍ୟରୁ ୨୧ ଟି ଅଭିଯୋଗର ଅନୁସନ୍ଧାନ କରାଯାଇ ସମାଧାନ ହୋଇଥିବା ସ୍ଥଳେ ଅବଶିଷ୍ଟ ୭୩ ଟି ଅଭିଯୋଗ ବିଭିନ୍ନ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟକୁ କାର୍ଯ୍ୟାନୁଷ୍ଠାନ ନିମିତ୍ତ ପ୍ରେରଣ କରାଯାଇଛି ।

୨୦୧୯ ମସିହାରେ ଜାତୀୟ ମାନବାଧିକାର ଆୟୋଗ, ନୂଆଦିଲ୍ଲୀଙ୍କ ଠାରୁ ୨୨୬ଟି ଅଭିଯୋଗ ଏହି ପ୍ରତିଷ୍ଠାନକୁ ଅନୁସନ୍ଧାନ ପାଇଁ ଆସିଥିଲା । ତନ୍ମଧ୍ୟରୁ ୧୮୭ଟି ଅନୁସନ୍ଧାନ

ରିପୋର୍ଟ ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟକୁ ପଠାଯାଇଛି ଏବଂ ଅବଶିଷ୍ଟ ୩୯ ଟି ଅଭିଯୋଗ ବିଭିନ୍ନ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅନୁସନ୍ଧାନ ନିମିତ୍ତ ରହିଛି ।

୨୦୧୯ ମସିହାରେ ୭୯ଟି ଅଭିଯୋଗ ରାଜ୍ୟ ମାନବାଧିକାର ଆୟୋଗ, ଭୁବନେଶ୍ୱରଙ୍କ ଠାରୁ ପ୍ରାପ୍ତ ହୋଇଥିଲା । ତନ୍ମଧ୍ୟରୁ ୬୫ ଟି ଅଭିଯୋଗର ଅନୁସନ୍ଧାନ ରିପୋର୍ଟ ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟକୁ ପଠାଯାଇଛି ଏବଂ ୧୪ଟି ଅଭିଯୋଗ ତଦନ୍ତାଧୀନ ଅଛି ।

ରାଜ୍ୟ ମହିଳା କମିଶନଙ୍କ ଠାରୁ ୨୦୧୯ ମସିହାରେ ୩୬ଟି ଅଭିଯୋଗ ପ୍ରାପ୍ତ ହୋଇଥିଲା ଏବଂ ଏହି ସମସ୍ତ ୩୬ଟି ମାମଲା ବିଭିନ୍ନ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଠାରେ ତଦନ୍ତାଧୀନ ଅଛି ।

୧୩. ନିଯୁକ୍ତି

୨୦୧୯ ମସିହାରେ OSAP 2nd Battalion, Jharsuguda ଏବଂ OSAP ୫ମ Battalion, Baripada ରେ ଖାଲିଥିବା ୧୦୧ ଟି ଗୋର୍ଖା ସିପାହୀ ପଦବୀ ପୂରଣ କରିବା ନିମନ୍ତେ ପ୍ରତ୍ୟକ୍ଷ୍ୟ ଚୟନ ପ୍ରକ୍ରିୟା ଶେଷ ହୋଇଛି । ସେମାନଙ୍କୁ ତୁରନ୍ତ ନିଯୁକ୍ତି ପ୍ରଦାନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଅଛି । ସେହିଭଳି ୨୦୧୯ ମସିହାରେ ୩୨୭ ଜଣ ସବ-ଇନ୍‌ସପେକଟର, ୨୪ ଜଣ ସର୍ଜେଣ୍ଟ ଏବଂ ୪ ଜଣ ଅଡିଟରଙ୍କୁ ନୂତନ ଚୟନ ପ୍ରକ୍ରିୟାରେ ନିଯୁକ୍ତି ପ୍ରଦାନ କରାଯାଇଛି ।

ଏତଦ୍‌ବ୍ୟତୀତ, ବିଭିନ୍ନ ଜିଲ୍ଲା ଓ ବାଟାଲିୟନ ପାଇଁ ୨୩ ଜଣ କନେଷ୍ଟବଲ/ ସିପାହୀଙ୍କୁ ପୁନଃ ଥଇଥାନ ସହାୟତା ଯୋଜନା ମାଧ୍ୟମରେ ନିଯୁକ୍ତି ପ୍ରଦାନ କରାଯାଇଥିବା ବେଳେ ୪ ଟି ଖାଲିଥିବା ଗ୍ରୁପ୍-ଡି ପଦବୀ ପୁନଃ ଥଇଥାନ ସହାୟତା ଯୋଜନା ମାଧ୍ୟମରେ ପୂରଣ କରାଯାଇଛି ।

# ଦ୍ୱିତୀୟ ଅଧ୍ୟାୟ

**୨. ତାଲିମ ଓ ମାନବ ସମ୍ବଳ**

୨.୧ ପୋଲିସଙ୍କ ନିମନ୍ତେ ତାଲିମ

ରାଜ୍ୟରେ ପୁଲିସ୍ ଅଧିକାରୀ ଓ କର୍ମଚାରୀମାନଙ୍କ ତାଲିମ ନିମନ୍ତେ ନିମ୍ନଲିଖିତ ତାଲିମ ଅନୁଷ୍ଠାନମାନ କାର୍ଯ୍ୟ କରୁଅଛି ।

୧. ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ, ଭୁବନେଶ୍ୱର ।

୨. ପୁଲିସ୍ ଟ୍ରେନିଂ କଲେଜ, ଅନୁଗୁଳ ।

୩. ପୁଲିସ୍ ଟ୍ରେନିଂ ସ୍କୁଲ, ନୟାଗଡ ।

୪. ସହରାଞ୍ଚଳ ପୁଲିସ୍ ଓ ଯାତାୟତ ତାଲିମ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱର ।

୫. ଓଡିଶା ସଶସ୍ତ୍ର ପୁଲିସ୍ ବାହିନୀ ଟ୍ରେନିଂ ସେଣ୍ଟର, ଝାରସୁଗୁଡା ।

୬. ସ୍ୱତନ୍ତ୍ର ଅପରେସନ ଗ୍ରୁପ୍ ତାଲିମ କେନ୍ଦ୍ର,ଚନ୍ଦକା,ଭୁବନେଶ୍ୱର ।

୭. ପୁଲିସ୍ ତାଲିମ କେନ୍ଦ୍ର, ବୈରୀ ।

୮.ରେଞ୍ଜ ପୁଲିସ୍ ତାଲିମ ସ୍କୁଲ, କୋରାପୁଟ ।

୯. ମୌଳିକ ତାଲିମ କେନ୍ଦ୍ର, ବୁର୍ଲା ।

୨.୨ **କାରାଗାର କର୍ମଚାରୀଙ୍କ ତାଲିମ:-**

କ) 223 ଜଣ ନୂତନ କାରାରକ୍ଷୀଙ୍କୁ 2019-20 ଆର୍ଥିକ ବର୍ଷରେ ଓଡ଼ିଶା ଜେଲ୍ ଟ୍ରେନିଙ୍ଗ୍ ସ୍କୁଲରେ ତାଲିମ ପ୍ରଦାନ କରାଯାଇଅଛି ।

ଖ) 117 କାରାରକ୍ଷୀ ଓ ମୁଖ୍ୟ କାରାରକ୍ଷୀଙ୍କୁ 2019-20 ଆର୍ଥିକ ବର୍ଷରେ ଓଡ଼ିଶା ଜେଲ୍ ଟ୍ରେନିଙ୍ଗ୍ ସ୍କୁଲରେ ତାଲିମ ପ୍ରଦାନ କରାଯାଇଅଛି ।

ଗ) 64 ଜଣ ଜେଲ ଅଫିସର ମାନଙ୍କୁ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମି ଠାରେ (positive attitude towards women prisoners) ବିଷୟ ବସ୍ତୁ ଉପରେ ତାଲିମ ପ୍ରଦାନ କରାଯାଇଅଛି ।

## ୨.୩ ଓଡିଶା ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନ, ଭୁବନେଶ୍ୱର

ସାଧାରଣ ପ୍ରଶାନକୁ ସଶକ୍ତିକରଣ ଓ ଅଧିକ ଲୋକାଭିମୁଖୀ କରିବା ସକାଶେ ସଚିବାଳୟର ପ୍ରଶାସନ ବ୍ୟବସ୍ଥାର ସୂଚନା ପ୍ରଯୁକ୍ତି ଓ ତତ୍ ସଂକ୍ରାନ୍ତୀୟ ସେବା ପ୍ରୟୋଗ ପରି ସରକାରୀ କାର୍ଯ୍ୟକ୍ରମରେ ବହୁ ଢାଞ୍ଚାଗତ ପରିବର୍ତ୍ତନ ହୋଇଅଛି । ଏହି ପରିବର୍ତ୍ତନକୁ ଦୃଷ୍ଟିରେ ରଖି ତଥା ନୂତନ ଢାଞ୍ଚା ସହ ତାଳଦେବା ସକାଶେ ତଦାନୀନ୍ତନ ସଚିବାଳୟ ସହାୟକ ମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ନିତାନ୍ତ ଭାବେ ଅନୁଭୂତ ହେବାରୁ ରାଜ୍ୟ ସରକାର ମିନିଷ୍ଟେରିଆଲ ସେବା କାଡ଼ର ଅନ୍ତର୍ଗତ ସଚିବାଳୟ କନିଷ୍ଠ ଓ ବରିଷ୍ଠ ସହାୟକ ପଦବୀକୁ ପୁନଃବିନ୍ୟାସ କରିବା ପୂର୍ବକ ସହକାରୀ ଉପବିଭାଗ ଅଧିକାରୀ ପଦବୀ ସୃଷ୍ଟି କରିଛନ୍ତି ।

ଏଣୁ ସାଧାରଣ ପ୍ରଶାସନ ବ୍ୟବସ୍ଥାରେ ହୋଇଥିବା ବିକାଶ ସହିତ ଖାପ ଖୁଆଇବା ପାଇଁ ତଥା ସଚିବାଳୟ ସେବା କାଡ଼ର ଅଧିକାରୀ ମାନଙ୍କ ପ୍ରଶିକ୍ଷଣ ମାନ ବୃଦ୍ଧି କରିବା ସକାଶେ ରାଜ୍ୟ ସରକାର ଗୃହ ବିଭାଗ ସଂକଳ୍ପ ସଂଖ୍ୟା ୨୧୬୪୭, ତା ୩୦.୦୫.୨୦୧୯ ରିଖ ରେ ଏକ ନୂତନ ସଂଶୋଧିତ ପ୍ରଶିକ୍ଷଣ ଯୋଜନା ପ୍ରଣୟନ କରିଅଛନ୍ତି । ଏହି ନୂତନ ସଂଶୋଧିତ ପ୍ରଶିକ୍ଷଣ ଯୋଜନା ଅନୁଯାୟୀ ଓଡ଼ିଶା ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନ ଅଧୂନା ନିମ୍ନ ତିନି ପ୍ରକାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରୁଛନ୍ତି ଯଥା (କ) ନୂତନ ଭାବେ ନିଯୁକ୍ତି ପାଉଥିବା ଓ ଇଂଡକ୍ସନ ପ୍ରଶିକ୍ଷଣ, (ଖ) ସହକାରୀ ଉପବିଭାଗ ଅଧିକାରୀ / ଉପବିଭାଗ ଅଧିକାରୀ /ଡେକ୍ସ ଅଧିକାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ରିଫ୍ରେଶର ପ୍ରଶିକ୍ଷଣ, ଓ (ଗ) ପେନସନ, ଆର୍ଥିକ ନିୟମାବଳୀ ତଥା ନିଯୁକ୍ତି ସଂକ୍ରାନ୍ତୀୟ ନିର୍ଦ୍ଦିଷ୍ଟ ବିଷୟରେ ଓରିଏଣ୍ଟସନ ପ୍ରଶିକ୍ଷଣ ।

ଇତିମଧ୍ୟରେ ଏହି ପ୍ରଶିକ୍ଷଣ ଅନୁଷ୍ଠାନ (ତା ୦୪.୦୨.୨୦୧୭ ରିଖ) ପୁନଃଗଠନ ହେବା ପରଠାରୁ ୧୦ ଗୋଟି ପର୍ଯ୍ୟାୟରେ ୮୬୨ ଜଣ ସହକାରୀ ଉପବିଭାଗ ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦେଇସାରିଛନ୍ତି । ଉକ୍ତ ସହକାରୀ ଉପବିଭାଗ ଅଧିକାରୀମାନେ ପ୍ରଶିକ୍ଷଣରେ କୃତକାର୍ଯ୍ୟ ହୋଇ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଛନ୍ତି । ନିକଟରେ ନୂତନଭାବେ ନିଯୁକ୍ତି ପାଇଥିବା ସହକାରୀ ଉପବିଭାଗ ଅଧିକାରୀମାନଙ୍କ ମଧ୍ୟରୁ ଗୃହବିଭାଗ ଦ୍ୱାରା ଚୟନ କରାଯାଇଥିବା ୭୮ ଜଣ ଅଧିକାରୀ ତା ୦୪.୦୨.୨୦୧୭ ରିଖ ଠାରୁ ପ୍ରଥମ ପର୍ଯ୍ୟାୟରେ ଏହି ଅନୁଷ୍ଠାନରେ ପ୍ରଶିକ୍ଷଣ ପାଉଛନ୍ତି ।

## ୨.୪ ଓଡ଼ିଶା କ୍ଷିପ୍ରଲିପି ଓ ମୁଦ୍ରଲିପି ଶିକ୍ଷାନୁଷ୍ଠାନ, ଭୁବନେଶ୍ୱର

ଓଡ଼ିଶା କ୍ଷିପ୍ରଲିପି ଓ ମୁଦ୍ରଲିପି ଶିକ୍ଷାନୁଷ୍ଠାନ, ଭୁବନେଶ୍ୱର ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ଅଧିନରେ ୧୯୬୩ ମସିହାଠାରୁ ଅବିରତ ଭାବରେ କାର୍ଯ୍ୟ କରି ଆସୁଅଛି । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ବେକାରୀ ସ୍ନାତକମାନଙ୍କୁ ବିଭିନ୍ନ ସରକାରୀ ଦପ୍ତର, ସରକାରୀ ଉଦ୍ୟୋଗ ଏବଂ ବେସରକାରୀ ସଂସ୍ଥାଗୁଡ଼ିକରେ କ୍ଷିପ୍ରଲେଖକ ପଦବୀରେ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ସେମାନଙ୍କୁ ଇଂରାଜୀ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ ପ୍ରଦାନ କରିବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ । ଓଡିଶା ସଚିବାଳୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ବ୍ୟକ୍ତିଗତ ସଚିବ, ବ୍ୟକ୍ତିଗତ ସହାୟକ, କ୍ଷିପ୍ରଲେଖକ ଓ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ମଧ୍ୟ ଏହି ଅନୁଷ୍ଠାନରେ ଓଡ଼ିଆ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ ପ୍ରଦାନ କରାଯାଏ ।

ଏତଦ୍ ବ୍ୟତୀତ ରାଜ୍ୟ ସରକାରଙ୍କ ଅଧିନରେ ଥିବା ବିଭିନ୍ନ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଜିଲ୍ଲା କାର୍ଯ୍ୟାଳୟ ଏବଂ ସେମାନଙ୍କ ଅଧିନରେ ଥିବା କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟରତ କ୍ଷିପ୍ରଲେଖକ/ ମୁଦ୍ରଲେଖକ/ କିରାଣୀ/ ଡାଟା ଏଣ୍ଟ୍ରି ଅପରେଟର୍ ମାନଙ୍କୁ ଅନୁଷ୍ଠାନରେ ଓଡ଼ିଆ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ କମ୍ପ୍ୟୁଟରରେ ଓଡ଼ିଆ ଲିପ୍ ଅଫିସ୍ ସଫ୍ଟୱେୟାର ମାଧ୍ୟମରେ ପ୍ରଦାନ କରାଯାଏ ।

୨୦୧୯-୨୦ ବର୍ଷରେ ରାଜ୍ୟ ସରକାରଙ୍କ ବିଭିନ୍ନ ଦପ୍ତରରୁ ପ୍ରେରୀତ ୨୨ ଜଣ କ୍ଷିପ୍ରଲେଖକ ଓ ୭୦ ଜଣ ମୁଦ୍ରଲେଖକ/ କିରାଣୀ/ ଡାଟା ଏଣ୍ଟ୍ରି ଅପରେଟର ଓଡ଼ିଆ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ କମ୍ପ୍ୟୁଟରରେ ଓଡ଼ିଆ ଲିପ୍ ଅଫିସ୍ ସଫ୍ଟୱେୟାର ମାଧ୍ୟମରେ ନେଇଛନ୍ତି ।

ଏତଦ୍ ବ୍ୟତୀତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟରେ କ୍ଷିପ୍ରଲେଖକ, କିରାଣୀ ଓ ମୁଦ୍ରଲେଖକ ପଦବୀରେ ନିଯୁକ୍ତି କିମ୍ବା ପଦୋନ୍ନତି ପ୍ରକ୍ରିୟାରେ ଉକ୍ତ ଶିକ୍ଷାନୁଷ୍ଠାନ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥାଏ ।

# ତୃତୀୟ ଅଧ୍ୟାୟ

## ୩. କାରାଗାର ସଂଗଠନ

**2019-20 ଆର୍ଥୀକ ବର୍ଷରେ କାରାଗାର ସଂସ୍ଥା ସଂର୍ପକୀୟ କାର୍ଯ୍ୟକଳାପର ବିବରଣୀ**

1. 2019-20 ବର୍ଷରେ ବଜେଟ ବଣ୍ଟନ – Trs. 204,68,04

| ପ୍ରତିଷ୍ଠାନ, ପରିଚାଳନା ଓ ରକ୍ଷଣାବେକ୍ଷଣ ବ୍ୟୟ(ଅଣ ଯୋଜନା) | ରାଜ୍ୟ ସ୍ତରୀୟ ଯୋଜନା | କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | ମୋଟ |
|---|---|---|---|
| 178,80,72 | 20,41,00 | 5,46,32 | 204,68,04 |

2. କାରାଗାର ସୁରକ୍ଷାର ଉନ୍ନତୀ କରଣ

କ) କାରାଗାର ଗୁଡିକର ସୁରକ୍ଷାର ଦୃଢୀକରଣ ନିମନ୍ତେ ବିଭିନ୍ନ କାରାଗାରର ପେରିମିଟର ପ୍ରାଚୀରର ଉଚ୍ଚତାକୁ ବୃଦ୍ଧି କରାଯାଇଛି ।

ଖ) ୱାକିଟକି, ବ୍ୟାଟେରି ଚାଳିତ ଖୋଜିବା ଲାଇଟ୍, ହ୍ୟାଣ୍ଡହେଲଡ୍ ମୋବାଇଲ ଡିଟେକ୍ଟର, ସି.ସି.ଟି.ଭି. ସାନିଟାରି ଆରୋଗ୍ୟକର ନାରଖାର ମେସିନ, ଅଗ୍ନିନିର୍ବାପକ ମେସିନ, ଡୋର ଫ୍ରେମ ମେଟାଲ ଡିଟେକ୍ଟର ଇତ୍ୟାଦି କ୍ରୟ ପାଇଁ 2019-20 ଆର୍ଥୀକ ବର୍ଷରେ ଅର୍ଥର ବରାଦ କରାଯାଇଛି ।

ଗ) ଏତଦ୍ ବ୍ୟତୀତ ବିଭିନ୍ନ କାରାଗାରରେ ଡାକବାଜି ପ୍ରଥାକୁ ସ୍ୱୟଂକ୍ରୀୟ ଅବରୋଧ କରାଯିବାର ପ୍ରଚଳନ ବ୍ୟବସ୍ଥା କରାଯାଇଛି ।

ଘ) କାରାଗାରରେ ମୂଲାକାତ ବ୍ୟବସ୍ଥାକୁ ବୈଦ୍ୟୁତିକ ମାଧ୍ୟମରେ ଆଧୁନିକୀକରଣ କରିବା ।

ଙ) କାରାଗାର କାର୍ଯ୍ୟକଳାପକୁ ସ୍ୱୟଂଚାଳିତ କରିବା ଲକ୍ଷ୍ୟରେ କାରାଗାର ଗୁଡିକୁ କମ୍ପ୍ୟୁଟରିକରଣ କରିବା ସହିତ ବନ୍ଦୀମାନଙ୍କ ତଥ୍ୟବଳୀକୁ ଡିଜିଟାଇସନ କରିବା ପାଇଁ ଇ.କାରାଗାର ପ୍ରଚଳନର ବ୍ୟବସ୍ଥା କରାଯାଇଛି । ଏହା ଓଡିଶା ସରକାରଙ୍କ ଗୃହ ବିଭାଗର 5-ଟି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି ।

3. ବନ୍ଦୀମାନଙ୍କର ସ୍ୱାସ୍ଥ୍ୟର ଯତ୍ନ

କ) ବିଭିନ୍ନ କାରାଗାରରେ ଜଳ ଯୋଗାଣ ଏବଂ ପରିମଳ ସୁବିଧାର ଉନ୍ନତୀକରଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ଖ) ବନ୍ଦୀମାନଙ୍କ ଉତ୍ତମ ରହଣୀର ବ୍ୟବସ୍ଥା ପାଇଁ କାରାଗାର ମାନଙ୍କରେ ଅତିରିକ୍ତ ୱାର୍ଡ ନିର୍ମାଣ ।

ଗ) କାରାଗାର ଗୁଡିକୁ ଆଧୁନିକୀକରଣ କରିବା ଉଦ୍ଦେଶ୍ୟରେ ଆଧୁନୀକ ଅଭ୍ୟର୍ଥନା ଗୃହ ସହିତ ପିଇବା ପାଣି ଏବଂ ପ୍ରସାଧାନ ଗୃହର ନିର୍ମାଣ ପାଇଁ ଅର୍ଥ ବରାଦ ହୋଇଛି ।

ଘ) ମାଲକାନାଗିରି, ଫୁଲବାଣୀ, ବୌଦ୍ଧ ଓ ଯାଜପୁର କାରାଗାରରେ ବନ୍ଦୀମାନଙ୍କ ପାଇଁ କ୍ୟାଣ୍ଟିନ୍ ଖୋଲାଯାଇଛି ।

ଙ) ପ୍ରଚଳିତ ରୋଷଶାଳାକୁ ଆଧୁନିକ ରୋଷଶାଳାରେ ପରିବର୍ତ୍ତନ କରିବା 1:10 ମାନଙ୍କ ଅନୁସାରେ ବନ୍ଦୀମାନଙ୍କର ଗାଧୁଆ ଗୃହ ନିର୍ମାଣ, ଜଳ ଯୋଗାଣର ଉନ୍ନତୀ କରଣ ଏବଂ କାରାଗାରରେ ପରିମଳ ବ୍ୟବସ୍ଥା ବିଭିନ୍ନ କାରାଗାରରେ ବୃଦ୍ଧି ଏବଂ ବେସାମରିକ ବନ୍ଦୀମାନଙ୍କ ପାଇଁ ଶୌଚାସନ ପାଇଖାନାର ବ୍ୟବସ୍ଥା ବିଭିନ୍ନ କାରାଗାରରେ କରାଯାଇଛି ।

(4) ମୁକ୍ତାକାଶ କାରାଗାର ନିର୍ମାଣ

କ) ସମ୍ବଲପୁର ଜିଲ୍ଲାର ଜୁଜୁମୁରା ନିକଟରେ ଏକ ମୁକ୍ତାକାଶ କାରାଗାରର ନିର୍ମାଣ କାର୍ଯ୍ୟ ଚାଲୁରହିଛି ।

(5) ନୂତନ ଆର୍ଦଶ ଦୋଷୀସାବ୍ୟସ୍ତ ବନ୍ଦୀ କାରାଗାର

କ) ସୁନ୍ଦରଗଡ଼ ଏବଂ କଟକ ଜିଲ୍ଲାର ଆଠଗଡ଼ରେ ୫୫୦ ବନ୍ଦୀ ଧାରଣ କ୍ଷମତା ଥିବା ଦୁଇଟି ଆର୍ଦଶ ଦୋଷୀ ସାବ୍ୟସ୍ତ ବନ୍ଦୀ କାରାଗାରର ନିର୍ମାଣ ଚାଲୁରହିଛି ଏବଂ ଏହାର ସଂପୂର୍ଣ୍ଣ ପାଇଁ ଅର୍ଥ ପ୍ରଦାନ କରାଯାଇଛି ।

(6) କାରାଗାର ସ୍ଥାନାନ୍ତକରଣ

ବୌଦ୍ଧ ଓ ଭଂଜନଗରରେ ସ୍ୱତନ୍ତ୍ର ଉପକାରାଗାର ନିର୍ମାଣ ଓ ସ୍ଥାମାନ୍ତକରଣ ପାଇଁ ଓଡ଼ିଶା ରାଜ୍ୟ ପୁଲିସ ହାଉସିଂ ଏବଂ ୱେଲ ଫେୟାର ଲିମିଟେଡକୁ ଅର୍ଥ ପ୍ରଦାନ କରାଯାଇଛି ।

(7) କାରାଗାର ଶିକ୍ଷ:-

2018-19 ଆର୍ଥିକ ବର୍ଷରେ ନିମ୍ନଲିଖିତ ଯୋଜନା ଗୁଡିକୁ ହାତକୁ ନିଆଯାଇଛି ।

କ) ଜିଲ୍ଲା ଆଇନ ସେବା ପ୍ରାଧୀକରଣ ମାଧ୍ୟମରେ 542 ଜଣ କଏଦୀଙ୍କୁ ମାଗଣା ଆଇନଗତ ସେବା ଓ ସହାୟତା ଯୋଗାଇ ଦିଆଯାଇଛି ।

ଖ) 2018-19 ମସିହାରେ 142 ଜଣ ପିଲାମାନେ (ଅନ୍ତେବାସୀଙ୍କର) ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ।

ଗ) ରାଜ୍ୟ ସରକାର 36 ଜଣ ଆଜୀବନ ବନ୍ଦୀ ଏବଂ 129 ଜଣ ଦାରୀଦ୍ର୍ୟ ସୀମାରେଖା ତଳେ ଥିବା ଯୋଜନାର ଆନ୍ତର୍ଭୁକ୍ତବନ୍ଦୀମାନଙ୍କର ପରିବାର ବର୍ଗଙ୍କୁ ସେମାନଙ୍କର ପୁନଃ ଥଇଥାନ ପାଇଁ 6 ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି ।

ଘ) ସ୍ଵଂୟସାଶିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା:- ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଆର୍ଟ ଅଫ ଲିଭିଙ୍ଗ, ଜାତୀୟ କାରାଗାର ମନ୍ତ୍ରାଳୟ, ଭାରତ ଓ ଇସ୍କନ ସଂସ୍ଥା ମାନେ କାରାଗାର ଗୁଡିକରେ ବନ୍ଦୀମାନଙ୍କର ମାନସିକ, ଶାରିରୀକ ସ୍ୱଛତା ନିମନ୍ତେ ଯୋଗ, ଧ୍ୟାନ ଓ ଧାର୍ମିକ ଆଲୋଚନା ପ୍ରଭୃତି କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି ।

ଙ) ମହାତ୍ମାଗାନ୍ଧୀଙ୍କର 150 ତମ ଜନ୍ମ ଶତାବାର୍ଷିକ ସ୍ମୃତି ଉତ୍ସବ ପାଳନ ଅବସରରେ ରାଜ୍ୟର ବିଭିନ୍ନ କାରାଗାରରୁ 18 ଜଣ କଏଦୀଙ୍କୁ ମୁକ୍ତ କରାଯାଇ ଅଛି ଏବଂ 14 ଜଣ ଆଜୀବନ କଏଦୀଙ୍କୁ ସମୟ ପୂର୍ବକ ଖଲାସ କରାଯାଇଅଛି ।

# ଚତୁର୍ଥ ଅଧ୍ୟାୟ

## ୪ ଅଗ୍ନିଶମ ସଂଗଠନ

ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା ଓଡ଼ିଶା ବାସୀଙ୍କ ଧନ, ଜୀବନକୁ ଅଗ୍ନି କବଳରୁ ରକ୍ଷା କରିବା ସଙ୍ଗେସଙ୍ଗେ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସହାୟତା ପ୍ରଦାନ କରିଆସୁଅଛି । ଭୟାବହ ଦୁର୍ଘଟଣାରୁ ଜନସାଧାରଣଙ୍କୁ ରକ୍ଷା କରିବା ସହ ଅଗ୍ନିଶମ ସେବା ସଂସ୍ଥା ସମସ୍ତ ପ୍ରକାରର ଦୁର୍ବିପାକ ଓ ମନୁଷ୍ୟକୃତ ବିପର୍ଯ୍ୟୟ, ବିତ୍ପାତ, ଦୁର୍ଘଟଣା ଇତ୍ୟାଦି ସେବା କାର୍ଯ୍ୟରେ ପ୍ରଥମେ ଘଟଣା ସ୍ଥଳରେ ପହଞ୍ଚିଥାଏ । ପୂର୍ବରୁ ସଂଗଠିତ ହୋଇଥିବା ସମସ୍ତ ପ୍ରକାରର ଦୁର୍ବିପାକ ସମୟରେ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ମାନେ ଘଟଣା ସ୍ଥଳରେ ପ୍ରଥମ ସାହାଯ୍ୟକାରୀ ଭାବରେ ପହଞ୍ଚି ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରିବା ସହିତ ଉଚ୍ଚ ପ୍ରଶଂସିତ ହୋଇଅଛନ୍ତି ।

ବର୍ତ୍ତମାନ ରାଜ୍ୟରେ ୩୩୭ ଗୋଟି ଦମକଳକେନ୍ଦ୍ର କାର୍ଯ୍ୟ କରୁଅଛି । ଚଳିତ ଆର୍ଥିକ ୨୦୧୯-୨୦ ବର୍ଷରେ (ଏପ୍ରିଲ ୨୦୧୯ ଠାରୁ ସେପ୍ଟମ୍ବର ୨୦୧୯) ୧୧୭୧୪ ଗୋଟି ଅଗ୍ନିକାଣ୍ଡ ଡାକରା ୧୫୮୯୪ ଗୋଟି ସ୍ୱତନ୍ତ୍ର ସେବା ଡାକରା ପାଇ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଅବିଳମ୍ବେ ସେବା ପ୍ରଦାନ କରାଯାଇଅଛି । ଯାହା ଫଳରେ ୯୩୮୬ ଗୋଟି ମନୁଷ୍ୟ ଜୀବନ, ୬୪୭୧ ଗୋଟି ପଶୁ ଜୀବନ ଅଗ୍ନିକାଣ୍ଡ ଜନୀତ, ନଦୀ ପୋଖରୀରେ ବୁଡିଯିବା ଦୁର୍ଘଟଣାରୁ ରକ୍ଷା କରାଯାଇଅଛି ଏବଂ ଏଥିସହିତ ଅନ୍ୟୁନ ଟ.୧୭୭,୯୬,୪୭,୯୦୦/- ଙ୍କା ମୂଲ୍ୟର ସମ୍ପତ୍ତି ଅଗ୍ନିକବଳରୁ ରକ୍ଷା କରାଯାଇଅଛି ।

ଓଡିଶାରେ ତା. ୦୩.୦୫.୨୦୧୯ ରିଖରେ ମହା ପ୍ରଳୟଙ୍କାରୀ ବାତ୍ୟା ଫନି ଦ୍ୱାରା ପ୍ରଭାବିତ ହୋଇଥିବା ସହର ଯଥା ପୁରୀ, ଭୁବନେଶ୍ୱର ଓ କଟକରେ ଲୋକମାନଙ୍କୁ ସହାୟତା, ଉଦ୍ଧାର କାର୍ଯ୍ୟ ଏବଂ ଅବରୋଧ ହୋଇଥିବା ରାସ୍ତା ସଫା କରିବା ଭଳି କାର୍ଯ୍ୟ ଅଗ୍ନିଶମ କର୍ମଚାରୀମାନେ ଦକ୍ଷତାର ସହ ସମ୍ପାଦନ କରିଥିଲେ । ଅଗ୍ନିଶମ କର୍ମଚାରୀମାନେ ଏଭଳି ମହା ପ୍ରଳୟଙ୍କାରୀ ବାତ୍ୟା ଫନିର ମୁକାବିଲା କରିବା ପାଇଁ ଆଗରୁ ପ୍ରସ୍ତୁତ ହୋଇ ରହିଥିଲେ । ଅଗ୍ନିଶମ କର୍ମଚାରୀମାନେ ଉପକୂଳବର୍ତୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବାରେ ଜିଲ୍ଲା ପ୍ରଶାସନକୁ ମଧ୍ୟ ସାହାଯ୍ୟ କରିଥିଲେ ।

ମହା ପ୍ରଳୟଙ୍କାରୀ ବାତ୍ୟା ଫନି ଦ୍ୱାରା ପୁରୀ, ଭୁବନେଶ୍ୱର ଓ କଟକରେ ବହୁତ କ୍ଷୟକ୍ଷତି ହୋଇଥିଲା । ବାତ୍ୟା ପରେ ଅଗ୍ନିଶମ କର୍ମଚାରୀମାନେ ରାସ୍ତାରେ ପଡିଥିବା ଗଛ ସବୁ କାଟି ସଫା କରି ଗମନାଗମନ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ସୁବିଧା କରିଥିଲେ ଏବଂ ବିଭିନ୍ନ ରାସ୍ତା, ଡାକ୍ତରଖାନା, ବିମାନବନ୍ଦର ପରିସର, ବସ ଷ୍ଟାଣ୍ଡ, ରେଲୱେ ଷ୍ଟେସନ ଓ ସରକାରୀ କାର୍ଯ୍ୟାଳୟମାନଙ୍କରେ ଭାଙ୍ଗି ପଡିଥିବା ଗଛ ସବୁ କାଟି ସଫା କରିଥିଲେ । ବିଦ୍ୟୁତ ସରବରାହ ବ୍ୟାଘାତ ଯୋଗୁ ଅନ୍ଧାରରେ ଥିବା ମୁଖ୍ୟ ରାସ୍ତା, ଡାକ୍ତରଖାନା ଏବଂ ସାର୍ବଜନୀନ ସ୍ଥାନ ମାନଙ୍କରେ ଅଗ୍ନିଶମ ସଂସ୍ଥାର ଟାୱାର ଲାଇଟ ଲଗାଇ ସନ୍ଧ୍ୟା ସମୟରେ ଆଲୋକିତ କରାଯାଇଥିଲା । ଏତଦ୍ ବ୍ୟତୀତ, ଅଗ୍ନିଶମ ସଂସ୍ଥା ପକ୍ଷରୁ ପୁରୀ, କଟକ ଏବଂ ଭୁବନେଶ୍ୱର ସହରରେ ପିଇବା ପାଣି ଯୋଗାଇ ଦିଆଯାଇଥିଲା ।

ଅଗ୍ନି ନିବାରଣ ଓ ଅଗ୍ନି ସୁରକ୍ଷା ନିୟମ-୨୦୧୭ ଅନୁଯାଇ ୮୮୫ ଗୋଟି କୋଠାବାଡ଼ି କୁ ଅଗ୍ନି ନିରାପତ୍ତା ଦୃଷ୍ଟିରୁ ତଦାରଖ କରାଯାଇ ୨୩୮ ଗୋଟି କୋଠାବାଡି କୁ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ଦିଆଯାଇଅଛି ଏବଂ ୨୩୨ ଗୋଟି ନିର୍ମିତ ହେବାକୁଥିବା କୋଠାବାଡ଼ି ଗୁଡ଼ିକରେ ଅଗ୍ନି ନିବାରଣ ଓ ଅଗ୍ନି ସୁରକ୍ଷା ବ୍ୟବସ୍ଥା କରିବାପାଇଁ ସୁପାରିସ କରାଯାଇଅଛି ।

ଚଳିତ ଆର୍ଥିକ ବର୍ଷ ଅଗଷ୍ଟ ମାସ ଶେଷ ଶୁଦ୍ଧା ଟ.୧,୨୭,୩୨,୫୭୫/- ସରକାରୀ ରାଜସ୍ୱ ଆଦାୟ କରାଯାଇ ସରକାରୀ ତହବିଲରେ ଜମା କରାଯାଇଅଛି ।

ସେହିପରି ୨୦୧୯-୨୦ ବର୍ଷରେ ରାୟଗଡା ଜିଲା ର ଚନ୍ଦ୍ରପୁର ଠାରେ ୧ ଗୋଟି ଦମକଳ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଅଛି ଓ ଜନସାଧାରଣଙ୍କୁ ସୁବିଧା ଯୋଗାଇଦେବା ପାଇଁ ଆଉ ୨ ଗୋଟି ଦମକଳ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନିଆଯାଉଅଛି । ଏହା ବ୍ୟତୀତ ଭୁବନେଶ୍ୱରଠାରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ଅଗ୍ନିଶମ ପ୍ରଶିକ୍ଷଣ ଅନୁଷ୍ଠାନ ନିଜସ୍ୱ ସଂସ୍ଥାର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବା ସଙ୍ଗେସଙ୍ଗେ ଅନ୍ୟ ରାଜ୍ୟରୁ ଆସିଥିବା ୧୫୪ ଜଣ ଅଧିକାରୀ / ବ୍ୟକ୍ତି ଏବଂ ରାଜ୍ୟର ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ୩୦୬ ଜଣ ବ୍ୟକ୍ତିଙ୍କୁ ପ୍ରଶିକ୍ଷଣ ଯୋଗାଇଥିଲା । ସେହିପରି ପୁରୀ ଜିଲା ର ରାମଚଣ୍ଡୀ ଠାରେ ଥିବା ଓଡିଶା ରାଜ୍ୟ ସନ୍ତରଣ ଏବଂ ଜୀବନରକ୍ଷା ତାଲିମ ଅନୁଷ୍ଠାନ ରେ ଆନ୍ଧ୍ର ପ୍ରଦେଶ ର ୬୦ ଜଣ ଅଗ୍ନିଶମ ଅଧିକାରୀ ଙ୍କୁ ସନ୍ତରଣ

ପ୍ରଶିକ୍ଷଣ ଦିଆଯାଇଅଛି | ଏହି ପ୍ରଶିକ୍ଷଣ ବାବଦକୁ ଟ.୧୪,୪୧,୨୫୦/- ରାଜସ୍ୱ ଆଦାୟ କରାଯାଇ ସରକାରୀ ତହବିଲରେ ଜମା କରାଯାଇଅଛି ।

ଦମକଳ କେନ୍ଦ୍ର ମାନଙ୍କରେ ବିଦ୍ୟୁତ ଖର୍ଚ୍ଚ କମ କରିବା ଏବଂ ଅବିରତ ବିଦ୍ୟୁତ ସରବରାହ ପାଇଁ ଚଳିତ ଆର୍ଥିକ ବର୍ଷ ରେ ୩୧୩ ଗୋଟି ଦମକଳ କେନ୍ଦ୍ର କୁ ସୌରଶକ୍ତି ଚାଳିତ ବିଦ୍ୟୁତ କରଣ ନିମନ୍ତେ ଟ.୬,୦୩,୦୧,୦୦୦/- ଓଡିଶା ରେନେୱବଲ ଏନର୍ଜୀ ଡେଭେଲପମେଣ୍ଟ ଏଜେନ୍ସି, ଭୁବନେଶ୍ୱର କୁ ଦିଆଯାଇଛି |

ବର୍ତ୍ତମାନ ଅଗ୍ନିଶମ ସେବା ସଂସ୍ଥାର ବିଭିନ୍ନ ପଦବୀରେ ମୋଟ ୫୬୯୫ ମଞ୍ଜୁରୀ ପ୍ରାପ୍ତ ପଦବୀ ଥିବାସ୍ଥଳେ, ବର୍ତ୍ତମାନ ୫୦୨୧ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ଏବଂ ୬୭୪ ଗୋଟି ପଦବୀ ଖାଲି ପଡିଅଛି । ୨୦୧୮ ମସିହାରେ ୧୯ ଗୋଟି କେନ୍ଦ୍ରାଧିକାରୀ ଓ ୧୩ ଗୋଟି ଅଗ୍ନିକ ନିଯୁକ୍ତି ପାଇଛନ୍ତି | ସେହିପରି ପଦୋନ୍ନତି ଦ୍ୱାରା ବିଭିନ୍ନ ପଦବୀ ଯଥା- ୧ ଗୋଟି ମୁଖ୍ୟ ଅଗ୍ନିଶମାଧିକାରୀ, ୪ ଗୋଟି ସହକାରୀ ଅଗ୍ନିଶମାଧିକାରୀ, ୬୦ ଗୋଟି ଗାଡିଚାଳକ ଓ ୧ ଗୋଟି ହାବିଲଦାର ମେଜର ପଦବୀ ପୂରଣ କରାଯାଇଅଛି ।

# ପଞ୍ଚମ ଅଧ୍ୟାୟ

## ୫. ବେସାମରିକ ପ୍ରତିରକ୍ଷା ସଂଗଠନ

ବେସାମରିକ ପ୍ରତିରକ୍ଷା ଅଧିନିୟମ ୧୯୬୮ ଅନୁଯାୟୀ ସମଗ୍ର ଭାରତରେ ବେସାମରିକ ପ୍ରତିରକ୍ଷା ସଂଗଠନ କାର୍ଯ୍ୟକ୍ଷମ ହୋଇଆସୁଅଛି । ଯୁଦ୍ଧକାଳୀନ ଜରୁରୀ ପରିସ୍ଥିତିକୁ ମୁକାବିଲା କରିବା ନିମନ୍ତେ ଏହି ସଂଗଠନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ଭୂମିକା ନିର୍ବାହ କରିପାରିଥିଲା । ସାଂପ୍ରତିକ ପରିସ୍ଥିତିରେ ଏହି ସଂଗଠନ ଜନସାଧାରଣଙ୍କୁ ବହିଁଶତ୍ରୁ ଆକ୍ରମଣର ମୁକାବିଲା ଓ ପ୍ରସ୍ତୁତି କରିବା ସହିତ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମ୍ମୁଖୀନ ହେବାକୁ ପ୍ରେରଣା ଯୋଗାଇଆସୁଅଛି । ଅଧିନିୟମ ଅନ୍ତର୍ଗତ ସଂଗଠନର ମୂଳଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ବଜାୟ ରଖି, ଏହି ବାହିନୀକୁ ବିପର୍ଯ୍ୟୟ ପରିଚାଳନାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଅଛି ।

ଓଡିଶାର ପାଞ୍ଚଟି ସହର ଯଥା ଭୁବନେଶ୍ୱର, କୋରାପୁଟ, ପାରାଦୀପ, ରାଉରକେଲା ଏବଂ ତାଳଚେରରେ ବେସାମରିକ ପ୍ରତିରକ୍ଷା କାର୍ଯ୍ୟ କରୁଥିଲା । ବେସାମରିକ ପ୍ରତିରକ୍ଷା ପୁନଃନିର୍ମାଣ ଯୋଜନାନୁଯାୟୀ, ଭାରତ ସରକାରଙ୍କ ଦ୍ୱାରା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର ଓ ଢେଙ୍କାନାଳ ଭଳି ପାଞ୍ଚଟି ଜିଲ୍ଲାକୁ ବହୁମୁଖୀ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବରେ ଘୋଷଣା କରାଯାଇଅଛି । ଏହିପରି ଭାବରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, କୋରାପୁଟ ଓ ସୁନ୍ଦରଗଡ ଆଦି ନଅଗୋଟି ଜିଲ୍ଲାରେ ବେସାମରିକ ପ୍ରତିରକ୍ଷା କାର୍ଯ୍ୟକ୍ଷମ ହେଉଛି । ପୁନଶ୍ଚ ବେସାମରିକ ପ୍ରତିରକ୍ଷା ସଙ୍ଗଠନକୁ ବିପର୍ଯ୍ୟୟ ଓ ବିପତ୍ତି ହ୍ରାସ ଜନିତ କାର୍ଯ୍ୟକ୍ରମର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଏକ ନୂତନ କାର୍ଯ୍ୟକ୍ରମ ରୂପାୟନ କରି ପୁରୀ ଓ ଗଞ୍ଜାମ ଜିଲ୍ଲାକୁ ମଧ୍ୟ ଏଥିସହିତ ସାମିଲ କରାଯାଇଅଛି ।

ବେସାମରିକ ପ୍ରତିରକ୍ଷା ସଂଗଠନରେ ତାଲିମ ପ୍ରଦାନ ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ବହନ କରେ । ବିଭିନ୍ନ ଅଞ୍ଚଳରୁ ତଥା ବିଭିନ୍ନ ବର୍ଗରୁ ସ୍ୱେଚ୍ଛାସେବୀ ଗ୍ରହଣ କରି ବେସାମରିକ ପ୍ରତିରକ୍ଷା ସଂଗଠନ ମାଧ୍ୟମରେ ଜନସଚେତନତା ସହିତ ଏକୀଭୂତ ତାଲିମ ଶିବିରମାନ ଆୟୋଜନ କରାଯାଉଅଛି । ବେସାମରିକ ପ୍ରତିରକ୍ଷା ସଂଗଠନରେ ବିଭିନ୍ନ ବର୍ଗରେ କର୍ମଚାରୀ ଏବଂ ଅଧିକାରୀ ବୃନ୍ଦଙ୍କର ଘୋର ଅଭାବ ସତ୍ତ୍ୱେ ଉଭୟ ଅଗ୍ନିଶମ ଏବଂ ବେସାମରିକ ପ୍ରତିରକ୍ଷା

ଏକୀକୃତ ଶାସନାଧୀନ ହୋଇଥିବାରୁ ଅଗ୍ନିଶମ ସେବା ବାହିନୀ ସହ ସମନ୍ୱୟ ରକ୍ଷାକରୀ କାର୍ଯ୍ୟକାରୀ ହେଉଅଛି । ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନରେ ତାଲିମ କାର୍ଯ୍ୟକ୍ରମ କରାଯାଇ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ବିପତ୍ତି ନିସ୍ତାର ଓ ସୁରକ୍ଷା ଜନିତ ସଚେତନତା ସୃଷ୍ଟି କରାଯାଇଅଛି । ଓଏସଡିଏମଏ, ରାଜ୍ୟ ରେଡ କ୍ରସ ତଥା ଅନ୍ୟାନ୍ୟ ବେସରକାରୀ ସଂଗଠନ ସହଭାଗିତାରେ ବିପର୍ଯ୍ୟୟ ସମ୍ବନ୍ଧିତ ତାଲିମ କାର୍ଯ୍ୟକ୍ରମମାନ ମଧ୍ୟ ଆୟୋଜନ କରାଯାଇଅଛି ।

୨୦୧୯ ଫୋନି ବାତ୍ୟା ଏବଂ ତତ୍‌ପରବର୍ତ୍ତୀ ସମୟରେ ଶହଶହ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ ଅନେକ ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନ କରିଅଛନ୍ତି । ସେମାନଙ୍କର ଏତାଦୃଶ ଉଚ୍ଚକୋଟୀର ଅବଦାନ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋଦୟ ବେସାମରିକ ପ୍ରତିରକ୍ଷା ସଙ୍ଗଠନକୁ ୨୯ ଅକ୍ଟୋବର, ୨୦୧୯ ମସିହା ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଅବସରରେ ଫଳକ ଓ ପ୍ରମାଣପତ୍ର ପ୍ରଦାନ କରିଅଛନ୍ତି ।

# ଷଷ୍ଠ ଅଧ୍ୟାୟ

## ୬. ଗୃହରକ୍ଷୀ ସଂଗଠନ

ଓଡ଼ିଶା ଗୃହରକ୍ଷୀ ସଂସ୍ଥା ନଭେମ୍ବର 11 ତାରିଖ 1961 ମସିହାରେ ପ୍ରତିଷ୍ଠା ହୋଇ ଥିଲା । ଉକ୍ତ ସଂସ୍ଥାର ସମସ୍ତ ଗୃହରକ୍ଷୀ ସ୍ୱେଚ୍ଛାସେବୀଗଣ ଓଡ଼ିଶା ପୁଲିସ୍ ଏବଂ ଅଗ୍ନିଶମ ସେବା ସଂସ୍ଥାର ଏକ ସହାୟକ ବାହିନୀ ଭାବେ ସମାଜ ତଥା ନାଗରିକଙ୍କୁ ନିଷ୍କାମ ସେବା ପ୍ରଦାନ କରିଆସୁଛନ୍ତି । ଓଡ଼ିଶା ସରକାର 1961 ମସିହାରେ ଓଡ଼ିଶା ଗୃହରକ୍ଷୀ ଅଧିନିୟମ ପ୍ରଣୟନ କରି ଏହି ବାହିନୀକୁ ଗଠନ କରିଥିଲେ । ପରେ ଏହାକୁ ସୁସଂଗଠିତ ସଂସ୍ଥାରେ ପରିଣତ କରିବା ପାଇଁ ସରକାର 1962 ମସିହାରେ ଓଡ଼ିଶା ଗୃହରକ୍ଷୀ ନିୟମାବଳୀ ପ୍ରବର୍ତ୍ତନ କରିଥିଲେ ।

ଆମ ରାଜ୍ୟରେ ବର୍ତ୍ତମାନ 17,675 ଗୃହରକ୍ଷୀ ଅଛନ୍ତି । ତାହା ମଧ୍ୟରୁ ପୁରୀର ନୋଳିଆ ସଂପ୍ରଦାୟର 100 ଜଣ ନୂତନ ଗୃହରକ୍ଷୀ ବିଭିନ୍ନ ଦେଶରୁ ଆସୁଥିବା ପରିଭ୍ରମଣକାରୀମାନଙ୍କର ସୁରକ୍ଷା ନିମନ୍ତେ ସମୁଦ୍ର କୂଳରେ ନିଯୁକ୍ତି ହୋଇଛନ୍ତି ।

ରାଜ୍ୟର  ଗୃହରକ୍ଷୀ ସ୍ୱଚ୍ଛାସେବୀମାନେ ଆଇନ୍ ଶୃଙ୍ଖଳା, ଅପରାଧ ନିରାକରଣ, ବିଶିଷ୍ଟ ବ୍ୟକ୍ତିମାନଙ୍କ ସୁରକ୍ଷା, ଯାନବାହାନ ନିୟନ୍ତ୍ରଣ, ରାତ୍ରୀକାଳୀନ ପ୍ରହରା ଇତ୍ୟାଦି କାର୍ଯ୍ୟର ପରିଚାଳନା କରିବାରେ ନିୟୋଜିତ ହୋଇଛନ୍ତି । 2019 ମସିହାରେ ନୋଳିଆ ଗୃହରକ୍ଷୀମାନେ 312 ଜଣ ବ୍ୟକ୍ତିଙ୍କର ଜୀବନ ସମୁଦ୍ର ପାଣିରୁ ଉଦ୍ଧାର କରିଛନ୍ତି । ଏତଦ୍ ବ୍ୟତୀତ, ଏହି ବର୍ଷ ଏହି ସଂସ୍ଥାର 500 ହୋମଗାର୍ଡ଼ ସ୍ୱେଚ୍ଛାସେବୀ ଓ 12 ଜଣ ଦରମାପ୍ରାପ୍ତ କର୍ମଚାରୀ ଆନ୍ଧ୍ରପ୍ରଦେଶରେ ହୋଇଥିବା ସାଧାରଣ ନିର୍ବାଚନରେ ଆଇନ ଶୃଙ୍ଖଳା କାର୍ଯ୍ୟରେ  ମୁତୟନ ହୋଇଥିଲେ । ଏହି ବର୍ଷ ହୋଇଥିବା ପ୍ରଚଣ୍ଡ ସାମୁଦ୍ରିକ ଝଡ଼ "ଫନୀ" ଦ୍ୱାରା ପ୍ରଭାବିତ ଲୋକମାନଙ୍କୁ ଉଦ୍ଧାର କାର୍ଯ୍ୟରେ ଗୃହରକ୍ଷୀମାନେ ନିୟୋଜିତ ହୋଇ ଅତି ପ୍ରଶଂସନୀୟ ସେବା ପ୍ରଦାନ କରିଛନ୍ତି ।

ଗୃହରକ୍ଷୀମାନଙ୍କୁ ମୌଳିକ ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା କୌଶଳରେ ତାଲିମ ଦିଆଯାଉଛି ଏବଂ ଯେକୌଣସି ଦୁର୍ଘଟଣାଜନିତ ପରିସ୍ଥିତିରେ ସର୍ବପ୍ରଥମେ ସେମାନେ " ପ୍ରଥମ ଉପଯୋଗୀ" ଭାବେ ଉଦ୍ଧାର ଏବଂ ସାହାଯ୍ୟ କାର୍ଯ୍ୟକୁ ହାତକୁ ନେଇପାରୁଛନ୍ତି । 2019-2020 ମସିହାରେ 34 ଜଣ ହୋମଗାର୍ଡ଼ ଙ୍କୁ ରାଜ୍ୟ ସନ୍ତରଣ ଓ ଜୀବନ ରକ୍ଷା ତାଲିମ ଅନୁଷ୍ଠାନ, ରାମଚଣ୍ଡୀ, ପୁରୀ ଠାରେ ଉନ୍ନତ ମାନର ତାଲିମ ପ୍ରଦାନ କରାଯାଇଛି ।

# ସପ୍ତମ ଅଧ୍ୟାୟ

## ୭. ନ୍ୟାୟପାଳିକା

### ଭିତ୍ତିଭୂମି

ନ୍ୟାୟପାଳିକା ଅନୁଷ୍ଠାନରେ ଭିତ୍ତିଭୂମିର ସୁବିଧାସୁଯୋଗ ମୁଖ୍ୟ ଗୁରୁତ୍ୱ ବହନ କରେ । ଦୂର ଦୂରାନ୍ତ ଅଞ୍ଚଳରେ ନ୍ୟାୟ ପ୍ରଦାନ ଓ ନ୍ୟାୟପ୍ରଦାନ ବ୍ୟବସ୍ଥାର ଆନୁଷ୍ଠାନିକ ଉପସ୍ଥିତି ଏକ ଅପରିହାର୍ଯ୍ୟ ପ୍ରସ୍ତାବ । ତେଣୁ  ରାଜ୍ୟ ସରକାର ନ୍ୟାୟପାଳିକାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । ଏଥି ନିମିତ୍ତ  2019-20 ଆର୍ଥିକ ବର୍ଷରେ ରାଜ୍ୟ ସରକାର 152.00 କୋଟି ଟଙ୍କାର ବ୍ୟୟବରାଦ ନିଜସ୍ୱ ଯୋଜନାରେ କରିଛନ୍ତି । ସେହିଭଳି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ରାଜ୍ୟ ସରକାର ୨୬.୨୨ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । 17 କୋଟି କୋର୍ଟ ହଲ୍ , ନ୍ୟାୟଧୀଶ ଓ କର୍ମଚାରୀମାନଙ୍କ ପାଇଁ 31 ଟି ବାସଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । 31.03.2020 ସୁଦ୍ଧା 112 ଟି କୋର୍ଟ ହଲ୍ ଓ 158 ଟି ବାସଗୃହ ନିର୍ମାଣ କାର୍ଯ୍ୟ ଶେଷହେବା ପାଇଁ  ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । 2017-18 ଆର୍ଥିକ ବର୍ଷରୁ ପର୍ଯ୍ୟାୟକ୍ରମେ 473 ଟି ଅଦାଲତରେ CCTV  ବ୍ୟବସ୍ଥା କରାଯାଇଛି । ସଂବେଦନଶୀଳ ସାକ୍ଷୀ ମାନଙ୍କପାଇଁ 3 ଗୋଟି ସଂବେଦନଶୀଳ ସାକ୍ଷୀ କେନ୍ଦ୍ର ବ୍ରହ୍ମପୁର ସମ୍ବଲପୁର ଓ ଫୁଲବାଣୀଠାରେ ଖୋଲାଯାଇଛି ।

### ନୂତନ ଓ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା

ସମାଜର ମୂଳସ୍ତରରେ ଏବଂ ସବୁବର୍ଗର ଲୋକଙ୍କ ପାଖରେ ନ୍ୟାୟ ପହଞ୍ଚାଇବାର ଅଙ୍ଗୀକାରବଦ୍ଧତା ସରକାର ପୁନରାବୃତ୍ତି କରିଛନ୍ତି । ନ୍ୟାୟସେବା

ପରିସରକୁ ଅଧିକ ବ୍ୟାପକ କରିବାପାଇଁ ସରକାର 2 ଗୋଟି ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ 2 ଗୋଟି ସିନିୟର ସିଭିଲ୍ ଜଜ୍ କୋର୍ଟ ପ୍ରତିଷ୍ଠା କରିଛନ୍ତି । ଏହି  ସମୟ ମଧ୍ୟରେ 11 ଗୋଟି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ 2 ଟି ଅତିରିକ୍ତ ଜିଲ୍ଲା

ଜଜ୍ କୋର୍ଟ ଓ 1 ଟି ସିନିୟର ସିଭିଲ ଜଜ୍ କୋର୍ଟ କାର୍ଯ୍ୟକ୍ଷମ କରାଯାଇଛି । ସେହିଭଳି 3 ଗୋଟି ଜମିଜମା ଅଧିଗ୍ରହଣ, ପୁନଃସଂସ୍ଥାନ ଓ ପୁନଃବସତି ଅଥରିଟି କଟକ, ସମ୍ବଲପୁର ଓ ବ୍ରହ୍ମପୁର

ଠାରେ ପ୍ରତିଷ୍ଠା କରାଯାଇଛି । ସ୍ପେସିଫିକ ରିଲିଫ ଆକ୍ଟ ବଳରେ 76 ଗୋଟି ସିନିୟର ସିଭିଲ୍ ଜଜ୍ କୋର୍ଟକୁ ସ୍ୱତନ୍ତ୍ର କୋର୍ଟ ଭାବେ ନାମିତ କରାଯାଇଛି ।

## କୋର୍ଟ ଆଧୁନିକୀକରଣ

ବର୍ତ୍ତମାନ ଯୁଗର ଚାହିଦା ସହିତ ତାଳ ଦେଇ ଚାଲିବାପାଇଁ ସରକାର କୋର୍ଟ ସଙ୍ଗଠନର ଆଧୁନିକରଣ ଉପରେ ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି । ରାଜ୍ୟ ସରକାର ବିଭିନ୍ନ ନ୍ୟାୟକଦେୟ ଗୁଡିକର ଅନଲାଇନ ଜମାକରିବା ଓ ବିତରଣ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଅନଲାଇନ ବ୍ୟବସ୍ଥାଦ୍ୱାରା ଜମାକରିବା ଓ ବିତରଣ କାର୍ଯ୍ୟ ଖୁବ ସୁବିଧା ଓ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ । ଏତଦ୍ ଭିନ୍ନ, ପରୀକ୍ଷାମୂଳକଭାବେ, କୋର୍ଟ ଓ ଜେଲଗୁଡିକ ମଧ୍ୟରେ ଏକାସମୟରେ ଭିଡିଓ କନଫରେନସିଂ ମାଧ୍ୟମରେ ବିଚାରଧୀନ କଏଦୀ ମାନଙ୍କର ଶୁଣାଣି କାର୍ଯ୍ୟାକ୍ରମ ଆରମ୍ଭପାଇଁ ଉଦ୍ୟମ ଚଳାଇଛନ୍ତି । ଇ-କୋର୍ଟ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଚାଲୁରହିଛି ।

## ଓଡିଶା ଜୁଡିସିଆଲ ଏକାଡେମି

ନ୍ୟାୟବିଭାଗୀୟ ଅଧିକାରୀମାନଙ୍କ ତାଲିମଦେବାରେ ଓଡିଶା ଜୁଡିସିଆଲ ଏକାଡେମି ଏକ ଅଗ୍ରଣୀ ସଂସ୍ଥା । ନ୍ୟାୟବିଭାଗୀୟ ଅଧିକାରୀମାନଙ୍କୁ ସେମାନଙ୍କ ନ୍ୟାୟସେବା ସମୟରେ ମଧ୍ୟବର୍ତ୍ତୀକାଳୀନ ତାଲିମ, ନୂତନଭାବେ ନିଯୁକ୍ତି ଅଧିକାରୀମାନଙ୍କୁ ତାଲିମ ତଥା ଅନେକଗୁଡିଏ ସ୍ୱଳ୍ପମିଆଦୀ ତାଲିମ ଏହି ଏକାଡେମୀରେ ପ୍ରଦାନ କରାଯାଉଛି । ଏତଦବ୍ୟତୀତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନୂତନ ବିଚାରଧାରା ଉପରେ ଏହି ସଂସ୍ଥା କର୍ମଶାଳା ଓ ପାଠଚକ୍ର ଆୟୋଜନ କରୁଛନ୍ତି । ଏହି ଏକାଡେମି ଦ୍ୱାରା 2019-20 ରେ 12ଟି ମଧ୍ୟବର୍ତ୍ତୀକାଳୀନ ତାଲିମ, ନୂତନଭାବେ ନିଯୁକ୍ତି ଅଧିକାରୀମାନଙ୍କ ପାଇଁ 3 ଟି ଓ 4 ଟି ସ୍ୱଳ୍ପମିଆଦୀ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

# ଅଷ୍ଟମ ଅଧ୍ୟାୟ

## ୮. ନିର୍ବାଚନ

ତା ୧.୧.୨୦୧୯ରିଖକୁ ଯୋଗ୍ୟତା ଭିତ୍ତିକ ତାରିଖ ରୂପେ ଗ୍ରହଣ କରି କରାଯାଇଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ଚୂଡାନ୍ତ ଭୋଟର ତାଲିକା ତା୨୧.୧.୨୦୧୯ରିଖରେ ପ୍ରକାଶିତ ହୋଇଥିଲା । ଚୂଡାନ୍ତ ଭୋଟର ତାଲିକାର ପ୍ରକାଶନ ପରେ ୨୦୧୯ସାଧାରଣ ନିର୍ବାଚନ ନିମନ୍ତେ ମନୋନୟନ ପତ୍ର ଦାଖଲର ଅନ୍ତିମ ଦିବସ ପର୍ଯ୍ୟନ୍ତ ଭୋଟର ତାଲିକାର ନିରନ୍ତର ଅଦ୍ୟତନ ହୋଇଥିଲା । ଭୋଟର ତାଲିକାରେ ନିରନ୍ତର ଅଦ୍ୟତନ ଜରିଆରେ **6,61,556** ଜଣ ଭୋଟରଙ୍କ ପଞ୍ଜିକରଣ, **93,872** ଜଣ ଭୋଟରଙ୍କ ଭୋଟର ତାଲିକା ତଥା ଭୋଟର ପରିଚୟ ପତ୍ରରେ ଥିବା ତଥ୍ୟର ସଂଶୋଧନ ଓ 22614 ଜଣଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଇଥିଲା ଓ 14600 ଜଣ ଭୋଟର ଙ୍କନାମକୁ ଗୋଟିଏ ବିଧାନସଭା କ୍ଷେତ୍ର ମଧ୍ୟରେ ଏକ ଭୋଟଗ୍ରହଣ କେନ୍ଦ୍ରରୁ ଅନ୍ୟ ଏକ ଭୋଟ ଗ୍ରହଣ କେନ୍ଦ୍ରକୁ ସ୍ଥାନାନ୍ତରଣ କରାଯାଇଥିଲା । ମନୋନୟନ ପତ୍ର ଦାଖଲର ଅନ୍ତିମ ଦିବସ ପର୍ଯ୍ୟନ୍ତ ନାଗରିକଙ୍କ ନାମ ଭୋଟର ତାଲିକାରେ ପଞ୍ଜିକୃତ ହୋଇଥିଲା । ତନ୍ମଧ୍ୟରୁ 1,66,18,059 ଜଣ ପୁରୁଷ **1,58,33,423** ଜଣ ମହିଳା 2923 ଜଣ ତୃତୀୟ ଲିଙ୍ଗର ଭୋଟର ରହିଥିଲେ ।

ତା୧.୯.୨୦୧୯ରିଖରେ ଭୋଟର ଯାଞ୍ଚକାର୍ଯ୍ୟକ୍ରମର ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ 3,14,95,840 ଜଣ ଭୋଟର ଭୋଟର ତାଲିକା ତଥା ଭୋଟର ପରିଚୟପତ୍ର ରେ ଥିବା ତଥ୍ୟର ଜାଞ୍ଚ ତଥା ସତ୍ୟାପନ କରିଥିଲେ । ଭୋଟର ତାଲିକା ତଥା ଭୋଟର ପରିଚୟପତ୍ରରେ ଥିବା ତଥ୍ୟର ସଂଶୋଧନ ନିମନ୍ତେ 4,68,762 ଜଣ ଭୋଟରଙ୍କ ଠାରୁ ଫର୍ମ 8– ସଂଗ୍ରହ କରାଯାଇଥିଲା |

2019 ସାଧାରଣ ନିର୍ବାଚନ ପରେ ଭୋଟର ଯାଞ୍ଚକାର୍ଯ୍ୟକ୍ରମ ସହ ଭୋଟର ତାଲିକାର ନିରନ୍ତର ଅଦ୍ୟତନ ପ୍ରକ୍ରିୟା ମଧ୍ୟ ଚାଲୁ ରହିଥିଲା ଏବଂ ଏହି ସମୟରେ ଜନସାଧାରଣଙ୍କ ଠାରୁ **8,24,454** ଟି ଦାବୀ ପ୍ରତିବାଦ ଗ୍ରହଣ କରାଯାଇଥିଲା ଏବଂ 39,520

ଜଣ ଭୋଟର ନାମ ନୂତନ ଭାବେ ପଞ୍ଜିକୃତ ହୋଇଥିଲା 28,943 ଜଣଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଇଥିଲା ଓ 2,54,600 ଜଣ ଭୋଟର ଭୋଟର ତାଲିକା ତଥା ଭୋଟର ପରିଚୟପତ୍ରରେ ଥିବା ତଥ୍ୟର ସଂଶୋଧନ କରାଯାଇଥିଲା ।

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡିଶାର ୧୭ତମ ଲୋକସଭା ଓ ୧୬ ତମ ବିଧାନସଭା ପାଇଁ ଏକକ ସାଧାରଣ ନିର୍ବାଚନ -୨୦୧୯ ଚାରୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା ।

## ନିର୍ବାଚନ ସୂଚୀ

| ପର୍ଯ୍ୟାୟ | ମତଦାନ ତାରିଖ | ଲୋକସଭା ନିର୍ବାଚନ ମଣ୍ଡଳି ସଂଖ୍ୟା | ବିଧାନସଭା ନିର୍ବାଚନ ମଣ୍ଡଳି ସଂଖ୍ୟା | ମତଦାନ ହାର |
|---|---|---|---|---|
| ପ୍ରଥମ ପର୍ଯ୍ୟାୟ | ୧୧.୦୪.୨୦୧୯ | ୪ | ୨୮ | ୭୩.୦୦ |
| ଦ୍ୱିତୀୟ ପର୍ଯ୍ୟାୟ | ୧୮.୦୪.୨୦୧୯ | ୫ | ୩୫ | ୭୧.୯୫ |
| ତୃତୀୟ ପର୍ଯ୍ୟାୟ | ୨୩.୦୪.୨୦୧୯ | ୬ | ୪୨ | ୭୧.୬୧ |
| ଚତୁର୍ଥ ପର୍ଯ୍ୟାୟ | ୨୯.୦୪.୨୦୧୯ | ୬ | ୪୨ | ୭୫.୫୨ |

ଚଳିତ ଏକକାଳିନ ସାଧାରଣ ନିର୍ବାଚନରେ, ୩୭,୬୦୬ ମତଦାନ କେନ୍ଦ୍ରରେ ମତଦାନ ପରିଚାଳନା କରାଯାଇଥିଲା । ଏଥିରେ ମୋଟ ୩,୨୪,୯୭,୭୬୨ ସଂଖ୍ୟକ ମତଦାତା ତାଙ୍କର ମତଦାନ ସାବ୍ୟସ୍ତ କରିଥିଲେ । ତନମଧ୍ୟରୁ ୧,୧୯,୭୬,୫୦୩ ସଂଖ୍ୟକ ପୁରୁଷ ଓ ୧୧୭୪୫୫୬୧ ସଂଖ୍ୟକ ମହିଳା ଏବଂ ୨୭୩ ସଂଖ୍ୟକ ତୃତୀୟ ଲିଙ୍ଗ ଅଟନ୍ତି । ରାଜ୍ୟର ହାରାହାରି ମତଦାନ ୭୩.୦୨% ଅଟେ।

ଏକକାଳିନ ସାଧାରଣ ନିର୍ବାଚନ ପରିଚାଳନା ନିମନ୍ତେ ୬ଟି ବିଭିନ୍ନ ରାଜ୍ୟରୁ ଓଡିଶାକୁ EVM ଏବଂ VVPAT ଅଣାଯାଇଥିଲା । ଏହି ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବରେ ପରିଚାଳନା କରିବାକୁ ପ୍ରଥମଥର ପାଇଁ VVPAT ର ବ୍ୟବହାର କରାଯାଇଥିଲା ।

ଅଧିକରୁ ଅଧିକ ଯୁବ ଓ ଭିନ୍ନକ୍ଷମ ମତଦାତାଙ୍କୁ ଏହି ନିର୍ବାଚନରେ ସଂଶ୍ଲିଷ୍ଟ କରିବା ପାଇଁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏହି ନିର୍ବାଚନକୁ ଅବାଧ ଏବଂ ନିରପେକ୍ଷ କରିବା ପାଇଁ ବହୁତ ଗୁଡିଏ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ସମସ୍ତ ପ୍ରକାର ସାବଧନତା ଅବଲମ୍ବନ କରାଯାଇଥିଲା । ଏହି ନିର୍ବାଚନରେ ବିଷୟ ବସ୍ତୁଥିଲା "ସୁଗମ ଓ ସମେତ ନିର୍ବାଚନ"; ବହୁ ସଂଖ୍ୟାରେ ଭିନ୍ନକ୍ଷମ ମତଦାତାଙ୍କୁ ସେମାନଙ୍କର ଘରୁ ମତଦାନ କେନ୍ଦ୍ର ପର୍ଯ୍ୟନ୍ତ ଆଣିବା ପାଇଁ "ସକ୍ଷମ ବାହନ" ସୁବିଧା ଉପଲବ୍ଧ ଥିଲା । ମତଦାନ କେନ୍ଦ୍ରରେ ଜରାଗ୍ରସ୍ତ, ଅସମର୍ଥ, ବୃଦ୍ଧ ଏବଂ ବୃଦ୍ଧାମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା ।

ମତଗଣନା ପାଇଁ ୬୩ଟି ଗଣନା କେନ୍ଦ୍ର ସ୍ଥାନ ନିରୁପଣ କରାଯାଇ ଥିଲା । ୨୧ ଗୋଟି ଲୋକସଭା ଏବଂ ୧୪୬ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ଫଳାଫଳ ମଇ ତା-୨୩.୦୫.୨୦୧୯ ରିଖରେ ଘୋଷଣା କରାଯାଇଥିଲା । ଏହି ପରିପ୍ରେକ୍ଷିରେ ସମସ୍ତ ବିଜେତା ପାର୍ଥୀ ମାନଙ୍କ ନାମ ଓଡିଶା ରାଜପତ୍ରରେ ଯଥାବିଧି ପ୍ରକାଶିତ ହୋଇଥିଲା ।

- ୯୬-ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ସାଧାରଣ ନିର୍ବାଚନ – ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ବିଜୁ ଜନତା ଦଳର ପାର୍ଥୀଙ୍କର ବିୟୋଗରେ ନିର୍ବାଚନ ସ୍ଥଗିତ ହୋଇଥିଲା । ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ବିଧାନସଭା ସ୍ଥଗିତ ନିର୍ବାଚନ ୨୦ ଜୁନ ୨୦୧୯ରେ ଅନୁଷ୍ଠିତ ହୋଇଥିଲା । ୩୦୯ ଗୋଟି ମତଦାନ କେନ୍ଦ୍ରରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପକ୍ରିୟା ପରିଚାଳନା କରାଯାଇଥିଲା । ଏହି ନିର୍ବାଚନରେ ମତଦାନ ହାର ୭୨.୪୫% ହୋଇଥିଲା । ମତଗଣନା ୨୪ ଜୁଲାଇ ୨୦୧୯ ରେ ଅନୁଷ୍ଠିତ ହୋଇଥିଲା । ବିଜେତା ପାର୍ଥୀଙ୍କ ନାମ ଓଡିଶା ରାଜପତ୍ରରେ ପ୍ରକାଶିତ ହୋଇଥିଲା ।

- ୦୨-ବିଜେପୁର ବିଧାନସଭା ଉପନିର୍ବାଚନ- ୦୨-ବିଜେପୁର ବିଧାନସଭା ଉପନିର୍ବାଚନରେ ବିଜେତା ପାର୍ଥୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଫଳରେ ଭାରତର ନିର୍ବାଚନ ଆୟୋଗ ଉପନିର୍ବାଚନ ଘୋଷଣା କରିଥିଲେ । ଏହି ଉପନିର୍ବାଚନ ୨୧ ଅକ୍ଟୋବର ୨୦୧୯ ରେ ଅନୁଷ୍ଠିତ ହୋଇଥିଲା । ୨୮୫ ଟି ମତଦାନ କେନ୍ଦ୍ରରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପକ୍ରିୟା ପରିଚାଳନା କରାଯାଇଥିଲା । ଏହି ନିର୍ବାଚନରେ

ମତଦାନ ହାର ୭୯.୧୭% ଥିଲା । ମତଗଣନା ୨୪ ଅକ୍ଟୋବର ୨୦୧୯ ଅନୁଷ୍ଠିତ ହୋଇଥିଲା ।

- ରାଜ୍ୟସଭା ନିର୍ବାଚନ– ଓଡିଶାର ୩ ଗୋଟି ଖାଲି ପଡିଥିବା ରାଜ୍ୟସଭା ଆସନ ପୂରଣ କରିବା ପାଇଁ ଭାରତର ନିର୍ବାଚନ ଆୟୋଗ ଉପ ନିର୍ବାଚନ ଘୋଷଣାନାମା ଜାରିକରିଥିଲେ। ଏହି ରାଜ୍ୟସଭା ଉପନିର୍ବାଚନରେ ୪ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ତନ୍ମଧ୍ୟରୁ ଜଣେ ପ୍ରାର୍ଥୀଙ୍କର ପାର୍ଥୀପତ୍ର ନାକଚ ହୋଇଯିବାରୁ ତିନିଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ।

- ୨୦୧୯ ମସିହାରେ ଓଡିଶାରେ ଏକକାଳିନ ସାଧାରଣ ନିର୍ବାଚନ ନିମନ୍ତେ ୬ ଗୋଟି ଭିନ୍ନ ଭିନ୍ନ ରାଜ୍ୟରୁ ଇ.ଭି.ଏମ୍ ମେସିନ୍ କୁ ଅଣାଯାଇଥିଲା । ଇ.ଭି.ଏମ୍ ଓ ଭିଭିପାଟ୍ ର ଉପଯୋଗିତା ଓ ସଚେତନତା ପାଇଁ ଗ୍ରାମାଞ୍ଚଳ ମାନଙ୍କରେ ବିଶେଷ ପ୍ରଚାର କରାଯାଇଥିଲା କାରଣ ଭିଭିପାଟ୍ ପ୍ରଥମ ଥର ନିମନ୍ତେ ନିର୍ବାଚନ ରେ ବ୍ୟବହାର କରିବାକୁ ଥିଲା । ନିର୍ବାଚନରେ ଉପଯୁକ୍ତ ଯୁବକ ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦାନ କରାଯାଇଥିଲା । ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଙ୍କ ବ୍ୟାପକ ପ୍ରଶିକ୍ଷଣ ନିମନ୍ତେ ଜାତୀୟ ଓ ରାଜ୍ୟ ସ୍ତରରେ ପ୍ରଶିକ୍ଷକ ମାନଙ୍କୁ ନିଯୁକ୍ତି କରାଯାଇଥିଲା ।

- ଏହି ନିର୍ବାଚନରେ ପ୍ରଯୁକ୍ତିବିଦ୍ୟା ଜନିତ ଅଭିନବୀକରଣ ର ପ୍ରୟୋଗ ଦେଖିବାକୁ ମିଳିଥିଲା ।

ଦୈନନ୍ଦିନ ଆଇନ କାନୁନ ସମ୍ବାଦର ବିସ୍ତୃତ ବିବରଣୀ, ନିର୍ବାଚନ ଆଚରଣ ବିଧି ଓ ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ ର ସମସ୍ତ ହିସାବ, ଇ.ଭି.ଏମ୍ ଜାନକୁ ଚିହ୍ନିବା ମୋବାଇଲ ଆଧାରିତ କରିବା , C-Vigil, ଭୋଟର ସହାୟତା ଲାଇନ୍, ଭିନ୍ନକ୍ଷମଙ୍କ ସହାୟତା ନିମନ୍ତେ, ଭୋଟ ଗଣତି ବ୍ୟବସ୍ଥାର ସୁପରିଚାଳନା ଏବଂ ଗୁଗଲ୍ ର ପ୍ରୟୋଗକୁ ଅନ୍ତର୍ଭୁକ୍ତ କରାଯାଇଥିଲା ।

# ନବମ ଅଧ୍ୟାୟ

## ୯. ରାଜ୍ୟ ସୈନିକ ବୋର୍ଡ

**ଉପକ୍ରମ –**

ରାଜ୍ୟ ସମସ୍ତ ପୂର୍ବତନ ସାମରିକ କର୍ମଚାରୀ, ଯୁଦ୍ଧ ବିଧବା, ଅକ୍ଷମ ସାମରିକ କର୍ମଚାରୀ ଏବଂ ମୃତ କର୍ମଚାରୀମାନଙ୍କ ପରିବାର ବର୍ଗଙ୍କର ଉପଯୁକ୍ତ ଥଇଥାନ, ପୁନଃର୍ବାସ ଏବଂ ସେମାନଙ୍କ ସାମାଜିକ ଓ ଆର୍ଥିକ କଲ୍ୟାଣ ସାଧନା ହେଉଛି ସୈନିକ ବୋର୍ଡର ମୁଖ୍ୟ ଲକ୍ଷ ଏବଂ ଉଦ୍ଦେଶ୍ୟ । ଏହି ବୋର୍ଡ ସଦାସର୍ବଦା ଉକ୍ତ କର୍ମଚାରୀ ଓ କର୍ମଚାରୀଙ୍କ ପରିବାର ସହ ଆଲୋଚନା କରିବା ସହିତ ପେନସନ୍ ଅଦାଲତ, ନିଯୁକ୍ତି ରାଲି, ସଚେତନା ଶିବିର ସଂଯୋଜନା କରିଥାନ୍ତି । ବର୍ତ୍ତମାନ ରାଜ୍ୟରେ ଥିବା ୪ ଗୋଟି ଜିଲ୍ଲା ସୈନିକ ବୋର୍ଡ ଏହି ଉଦ୍ଦେଶ୍ୟରେ ପରିଚାଳିତ ଓ ଏହି ବୋର୍ଡ ଗୁଡିକ 46,000 ରୁ ଅଧିକ ପୂର୍ବତନ ସୈନିକ ଏବଂ ସେମାନଙ୍କ ପରିବାରଙ୍କ ପାଇଁ ଉତ୍ସର୍ଗୀକୃତ । 2019-20 ବର୍ଷରେ ରାଜ୍ୟ ସୈନିକ ବୋର୍ଡ ହାସଲ କରିଥିବା ସଫଳତା ନିମ୍ନରେ ପ୍ରଦାନ କରାଗଲା ।

**(କ) ଶିକ୍ଷା ସହାଯତା ରାଶି ଟ.12,000/-**

ପୂର୍ବତନ ସୈନିକ ତଥା ସେମାନଙ୍କ ବିଧବା ପତ୍ନୀଙ୍କ ଠାରୁ ସେମାନଙ୍କ ପିଲାମାନଙ୍କ ଶିକ୍ଷାବୃତ୍ତି ନିମନ୍ତେ ମୋଟ 1965 ଗୋଟି ଅନଲାଇନ୍ ଦରଖାସ୍ତ କେନ୍ଦ୍ରିୟ ସୈନିକ ବୋର୍ଡକୁ ଅନୁମୋଦନ କରାଯାଇଛି ।

**(ଖ) କନ୍ୟା ବିବାହ ଅନୁଦାନ ରାଶି ଟ.50,000/-**

ମୋଟ ୪୦ ଗୋଟି ଅନଲାଇନ୍ ଦରଖାସ୍ତ ଗ୍ରହଣ କରାଯାଇ କେନ୍ଦ୍ରିୟ ସୈନିକ ବୋର୍ଡକୁ ଅନୁମୋଦନ ନିମନ୍ତେ ସୁପାରିଶ କରାଯାଇଛି ।

**(ଗ) ପ୍ରଧାନମନ୍ତ୍ରୀ ଛାତ୍ର ବୃତ୍ତି ସହାୟତା (ବାଳିକାମାନଙ୍କ ନିମନ୍ତେ ଟ.36,000/- ଏବଂ ବାଳକମାନଙ୍କ ନିମନ୍ତେ ଟ.30,000/-) –**

ପୂର୍ବତନ ସୈନିକ, ମୃତ ସୈନିକ ମାନଙ୍କର ବିଧବା ପତ୍ନୀ ଓ ସେମାନଙ୍କ ପିଲାମାନଙ୍କ ଠାରୁ ମୋଟ 114 ଗୋଟି ଅନଲାଇନ୍ ଦରଖାସ୍ତ ଗ୍ରହଣ କରାଯାଇ କେନ୍ଦ୍ରୀୟ ସୈନିକ ବୋର୍ଡକୁ ଅନୁମୋଦନ ନିମନ୍ତେ ପଠାଯାଇଛି ।

**(ଘ) ପେନୁରୀ ଅନୁଦାନ ସହୟତା ରାଶି ଟ.4,000/- ପ୍ରତିମାସ –**

ପୂର୍ବତନ ଅଣ ସୈନିକ ପେନସନ ଭୋଗୀ ସୈନିକ ମାନଙ୍କ ଠାରୁ ମୋଟ 30 ଗୋଟି ଅନଲାଇନ୍ ଦରଖାସ୍ତ ଗ୍ରହଣ କରାଯାଇ କେନ୍ଦ୍ରୀୟ ସୈନିକ ବୋର୍ଡକୁ ଅନୁମୋଦନ ନିମନ୍ତେ ପଠାଯାଇଛି ।

**(ଙ) ଜମି ବାବଦରେ ଆର୍ଥିକ ସହାୟତା ଟ.50,000/- -**

ଜମି ବାବଦରେ ଟ.50,000/- ପାଇବା ପାଇଁ ଯୋଗ୍ୟ ପୂର୍ବତନ ସୈନିକ ମାନଙ୍କଠାରୁ 17 ଗୋଟି ଦରଖାସ୍ତ ଗ୍ରହଣ କରାଯାଇ ଓଡିଶା ସରକାର ଗୃହ ବିଭାଗକୁ ଅନୁମୋଦନ ନିମନ୍ତେ ପଠାଯାଇଛି ।

**(ଚ) ଆମାଲଗାମାଟେଣ୍ଡ ଫଣ୍ଡରୁ ସହାୟତା ରାଶି ପ୍ରଦାନ –**

ଅସହାୟ ଭୂତ ପୂର୍ବ ସୈନିକ ଏବଂ ବିଧବା ପତ୍ନୀ, ପୂର୍ବତନ ଦିବ୍ୟାଙ୍ଗ ସୈନିକ, ମାତୃ ପିତୃ ହୀନ ଭୂତପୂର୍ବ ସୈନିକମାନଙ୍କ ପିଲାମାନଙ୍କ ଏବଂ ପୂର୍ବତନ ସୈନିକମାନଙ୍କ ପିଲାମାନଙ୍କ ନିମନ୍ତେ ଛାତ୍ରବୃତ୍ତି ବାବଦରେ ମୋଟ ଟ.10,09,500/- ସହାୟତା ରାଶି ପ୍ରଦାନ କରାଯାଇଛି ।

**(ଛ) ସାଧୁତା ପ୍ରମାଣ ପତ୍ର ( Bonafide Certificate)**

ମୋଟ 704 ଜଣ ପୂର୍ବତନ ସୈନିକମାନଙ୍କର କାଗଜ ଆଦି ଯାଞ୍ଚ କରାଯାଇ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ସଂରକ୍ଷିତ ଥିବା ଅଣ ସ୍ନାତକ, ସ୍ନାତକ, ଡିପ୍ଲୋମା ଓ ବୈଷୟୀକ ଶିକ୍ଷା ଅନୁଷ୍ଠାନର ପଢିବା ପାଇଁ ପ୍ରମାଣପତ୍ର ଯୋଗାଇ ଦିଆଯାଇଛି ।

**(ଜ) ସାଧାରଣ ସେବା ଅଧିକାର –**

"ଜନ ସାଧାରଣ ସେବା ଆଇନ" ଅନୁଯାୟୀ ଧାର୍ଯ୍ୟ ସମୟ ସୀମା ମଧ୍ୟରେ 16 ଗୋଟି ସେବା ଯୋଗାଇ ଦିଆଯାଇଛି ।

**(ଝ) ଜିଲ୍ଲା ସୈନିକ ବୋର୍ଡ ବୈଠକ –**

ଜିଲ୍ଲା ସୈନିକ ବୋର୍ଡ ଗଠନ କରାଯାଇ ଏହାର ନିୟମିତ ବୈଠକ ବସିବା ପାଇଁ ବ୍ୟବସ୍ଥା କରାଯାଇଛି ।

**(ଞ) ସ୍ୱୀକୃତୀପ୍ରାପ୍ତ ପୂର୍ବତନ ବୈଠକ ସଂଗଠନ ସହିତ ମତ ଆଦାନ ପ୍ରଦାନ –**

ପୂର୍ବତନ ସାମରିକ କର୍ମଚାରୀମାନଙ୍କ ଅସୁବିଧା ବିଷୟରେ ସମ୍ପୃକ୍ତ ସମ୍ପ୍ରଦାୟ ସହିତ ଆଲୋଚନା କରାଯାଇ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ବିଷୟରେ ସେମାନଙ୍କୁ ସଚେତନ କରାଯାଇଛି ।

**(ଟ) ସାମରିକ ବଳ ପତାକା ଦିବସ ପାଣ୍ଠି –**

ପତାକା ଦିବସ ପାଣ୍ଠିକୁ ବୃଦ୍ଧି କରିବାପାଇଁ ଜିଲ୍ଲା ପ୍ରଶାସନ ତଥା ସରକାରୀ ଉଦ୍ୟୋଗମାନଙ୍କ ସହିତ ନିୟମିତ ଯୋଗାଯୋଗ କରାଯାଇଛି ।

**(ଠ) ଭୁବନେଶ୍ୱରରେ ସୈନିକ ସଦନ ନିର୍ମାଣ –**

ସୈନିକ ସଦନ ନିର୍ମାଣ ପ୍ରଣାଳୀ ତଥା ତାହାର ନିର୍ମାଣ ଅନୁମୋଦନ ପତ୍ର BDA କାର୍ଯ୍ୟାଳୟରୁ ପ୍ରାପ୍ତ କରାଯାଉଛି । IFOSYS Foundation ଦ୍ୱାରା ଏହାର ନିର୍ମାଣ କାର୍ଯ୍ୟ ଆଗାମୀ 2020 ଜାନୁୟାରୀ କିମ୍ବା ଫେବୃୟାରୀ ମାସରେ ଆରମ୍ଭ ହେବାର ନିର୍ଦ୍ଧରିତ ହୋଇଛି ।

## 2020-21 ଆର୍ଥିକ ବର୍ଷପାଇଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ପୂର୍ବତନ ସାମରିକ କର୍ମଚାରୀ ମାନଙ୍କର ଉଦ୍ଦେଶ୍ୟ ହାସଲ ନିମ୍ନଲିଖିତ ପଦକ୍ଷେପ ପାଇଁ ପ୍ରସ୍ତାବ ରହିଛି ।

(କ) ରାଜ୍ୟ ସରକାର ଏବଂ ସରକାରୀ ଅଧିନସ୍ଥ ସଂସ୍ଥା ମାନଙ୍କରେ ନିଯୁକ୍ତି ପାଉଥିବା ପୂର୍ବତନ ସୈନିକ ମାନଙ୍କର ସଠିକ ଏବଂ ନିର୍ଭୁଲ ହିସାବ ରିଖିବା ।

(ଖ) ସୈନିକ ବୋର୍ଡର ନିଜସ୍ୱ ୱେବସାଇଟ ପ୍ରଚଳନ ବ୍ୟବସ୍ଥା ।

(ଗ) ସୈନିକବୋର୍ଡର ସଂଗଠନରେ ଖାଲିଥିବା ପଦବୀ ଗୁଡିକ ପୂରଣ ।

(ଘ) ଅନ୍ୟ ରାଜ୍ୟ ମାନଙ୍କ ଭଳି ଅତିରିକ୍ତ କଲ୍ୟାଣକାରୀ ଯୋଜନାମାନ ପ୍ରଚଳନ କରିବା ।

(ଙ) ଆଇନ ସହାୟତା ପରାମର୍ଶ କେନ୍ଦ୍ର ଗଠନ

# ଦଶମ ଅଧ୍ୟାୟ

## ୧୦.୧ ରାଜ୍ୟ ଅତିଥି ଭବନ

ରାଜ୍ୟ ଅତିଥି ଭବନରେ ସର୍ବମୋଟ 32 ଟି ଦୁଇ ଶଯ୍ୟା ବିଶିଷ୍ଟ ପ୍ରକୋଷ୍ଠ ଅଛି । ତନ୍ମଧ୍ୟରୁ ଗୋଟିଏ ଭି.ଭି.ଆଇ.ପି ଓ 17 ଟି ଭି.ଆଇ.ପି ଙ୍କ ପାଇଁ ଉଦ୍ଦିଷ୍ଟ । 2019-20 ବର୍ଷରେ ରାଜ୍ୟ ଅତିଥି ଭବନରେ ହାରାହାରି 725 ଜଣ ରାଜ୍ୟ ଅତିଥି ଏବଂ 9236 ଜଣ ଅନ୍ୟ ଅତିଥିଙ୍କୁ ପ୍ରକୋଷ୍ଠ ଯୋଗାଇ ଦିଆଯାଇଛି ।

**୨୦୧୯ –୨୦୨୦ ବର୍ଷର ମୁଖ୍ୟ କୃତି**

- 01-04-2019 ରୁ 31-12-2019 ମଧ୍ୟରେ ମୋଟ ରାଜସ୍ୱ ଆଦାୟ ଟ 44,04,283/-
- ରାଜ୍ୟ ଅତିଥି ଏବଂ ଅନ୍ୟ ଅତିଥିଙ୍କୁ ଉନ୍ନତ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ଅତିଥି ଭବନର ପ୍ରୀତିଭୋଜନାଳୟ ଓ ତତସଲଗ୍ନ 12ଟି ପ୍ରକୋଷ୍ଠ, 1ମ ମହଲାରେ ଥିବା 10ଟି ପ୍ରକୋଷ୍ଠ ଏବଂ ପୁରୁଣା କମ୍ପ୍ଲେକ୍ସର ତଳ ମହଲାରେ ଥିବା ପରିଚାଳକଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ସମେତ 18 ଟି ପ୍ରକୋଷ୍ଠ ମରାମତି କରାଯାଇଅଛି ।
- 17 ଜଣ ନବନିର୍ବାଚିତ ବିଧାୟକଙ୍କୁ 2019 ମସିହା ମଇ ମାସ ଠାରୁ ମଧ୍ୟବର୍ତୀକାଳୀନ ରହଣି ବ୍ୟବସ୍ଥା ଯୋଗାଇ ଦିଆଯାଉଅଛି ।
- ବିଭାଗୀୟ ପଦୋନ୍ନତି କମିଟି ଦ୍ୱାରା 2019 ମସିହା ଅଗଷ୍ଟ ମାସରେ ରାଜ୍ୟ ଅତିଥି ଭବନର 22 ଜଣ କର୍ମଚାରୀଙ୍କୁ ପଦୋନ୍ନତି ଦିଆଯାଇଅଛି ।
- ରାଜ୍ୟ ଅତିଥି ଭବନର ସଂବର୍ଗ ନିୟମ ପ୍ରସ୍ତୁତ କରାଯାଇ ଅର୍ଥ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗର ସହମତି ପ୍ରାପ୍ତ ହୋଇ ସରକାରଙ୍କର ଅନୁମୋଦନ ପ୍ରତୀକ୍ଷାରେ ଅଛି ।
- ରାଜ୍ୟ ଅତିଥି ଭବନର ନୁତନ ସଂଯୁକ୍ତଗୃହର ନିର୍ମାଣ କାର୍ଯ୍ୟ ଟ 27,07,01,277/- ବ୍ୟୟ ଅଟକଳରେ ଓଡିଶା ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଦ୍ୱାରା ଆରମ୍ଭ କରାଯାଇଅଛି ।
- 07-12-2019 ରୁ 08-12-2019 ରେ ମହାମହୀମ ରାଷ୍ଟ୍ରପତିଙ୍କ ଓଡିଶା ପରିଦର୍ଶନ, 06-10-2019 ରେ ମହାମହୀମ ଉପରାଷ୍ଟ୍ରପତିଙ୍କ ଓଡିଶା ପରିଦର୍ଶନ ଏବଂ 23-04-

2019, ଓ 06-05-2019 ରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଓଡିଶା ପରିଦର୍ଶନ କାଳରେ ସ୍ୱରାଷ୍ଟ୍ର (ପ୍ରୋଟକଲ୍) ବିଭାଗ ସହିତ ସଫଳ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରାଯାଇ ଅଛି ।

୧୦.୨ ଉତ୍କଳ ଭବନ,କୋଲକତା

ଉତ୍କଳ ଭବନ, କୋଲକତାରେ ୬୨ ଗୋଟି ଶଯ୍ୟା ଥିବା ୨୭ ଟି ଶୀତତାପ ବାତାନୁକୁଳ କୋଠରି ଅଛି। ଏଥି ମଧ୍ୟରୁ ଛଅ ଗୋଟି ଦୁଇ ଶଯ୍ୟା ବିଶିଷ୍ଟ ଡିଲକ୍ସ କୋଠରି, ପନ୍ଦର ଗୋଟି ଦୁଇ ଶଯ୍ୟା ବିଶିଷ୍ଟ ସୁପିରିୟର କୋଠରି, ଏକ ଶଯ୍ୟା ବିଶିଷ୍ଟ ଚାରି ଗୋଟି ଷ୍ଟାଣ୍ଡାର୍ଡ କୋଠରି ଏବଂ ଆଠ ଶଯ୍ୟା ବିଶିଷ୍ଟ ଦୁଇ ଗୋଟି ଡର୍ମିଟୋରୀ ଉପଲବ୍ଧ ଅଛି । ୨୦୧୯-୨୦ବର୍ଷରେ ୭୪୯୮ ଗୋଟି ଶଯ୍ୟା ଅତିଥିମାନଙ୍କ ରହଣି ପାଇଁ ବ୍ୟବହାର ହୋଇଛି ଏବଂ ଅତିଥିମାନଙ୍କଠାରୁ ଏ ବାବଦରେ ₹୨୦,୬୬,୨୫୨/- ଟଙ୍କା ଆଦାୟ ହୋଇଛି । ଏହି ବର୍ଷରେ ପାଞ୍ଚଗୋଟି କୋଠରିର ମରାମତି ହୋଇଛି ।

ଉତ୍କଳ ଭବନ,କୋଲକତା ର ସରକାରୀ କର୍ମଚାରୀ ଙ୍କ ଅବସ୍ଥିତି ର ବିବରଣୀ

| ସରକାରୀ କର୍ମଚାରୀଙ୍କ ସଂଖ୍ୟା | ଉପସ୍ଥିତ ସରକାରୀ କର୍ମଚାରୀଙ୍କ ସଂଖ୍ୟା | ଖାଲି ଥିବା ପଦ ସଂଖ୍ୟା |
|---|---|---|
| ୩୦ | ୨୨ | ୮ |

୧୦.୩ **ଓଡିଶା ଭବନ, ଭାସି, ନବୀ ମୁମ୍ବାଇ**

ଓଡିଶା ଭବନ, ନବୀ ମୁମ୍ବାଇର ଭାସିଠାରେ ୩୦.୧୦.୨୦୧୦ଠାରୁ କାର୍ଯ୍ୟକ୍ଷମ କରାଯାଇଅଛି । ଏହି ଭବନରେ ନିମ୍ନପ୍ରଦତ୍ତ କୋଠରି ଉପଲବ୍ଧ ଅଛି ।

| କୋଠରି | | ସଂଖ୍ୟା |
|---|---|---|
| ୧. ଭି.ଆଇ.ପି. ସୁଇଟ୍ | - | ୪ |
| ୨. ଦୁଇ ଶଯ୍ୟା ବିଶିଷ୍ଟ କୋଠରି | - | ୨୩ |
| ୩. ଛଅ ଶଯ୍ୟା ବିଶିଷ୍ଟ କୋଠରି | - | ୩ |
| ୪. ସମ୍ମିଳନୀ କକ୍ଷ (ଏକ ଶହ ବ୍ୟକ୍ତି ଙ୍କ ପାଇଁ ଉଦ୍ଦିଷ୍ଟ ) | - | ୧ |
| ୫. ପୋଡିୟମ (ତିନି ଶହ ପଚାଶ ବ୍ୟକ୍ତି ଙ୍କ ପାଇଁ ଉଦ୍ଦିଷ୍ଟ ) | - | ୧ |
| ୬. ଭୋଜନାଳୟ (ପଚାଶ ବ୍ୟକ୍ତି ଙ୍କ ପାଇଁ ଉଦ୍ଦିଷ୍ଟ) | - | ୧ |

ଏଥି ମଧ୍ୟରୁ ଆଠଗୋଟି ଦୁଇଶଯ୍ୟାବିଶିଷ୍ଟ ଶୀତତାପ ବାତନୁକୁଳ କୋଠରି, ଏବଂ ଗୋଟିଏ ଛଅ ଶଯ୍ୟା ବିଶିଷ୍ଟ କୋଠରି କର୍କଟ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ । ୨୦୧୯-୨୦ ମସିହାରେ ୧୬୩୯୯ ଜଣ ରୋଗୀ ମାନଙ୍କ କୋଠରି ଭଡା ଏବଂ ସମ୍ମିଳନୀ କକ୍ଷ ଭଡା ବାବଦରେ ₹୩୧,୬୧,୬୭୨/- ଟଙ୍କା ଆଦାୟ କରାଯାଇଛି ।

ଓଡିଶା ଭବନରେ ରହି ଚିକିତ୍ସିତ ହେଉଥିବା ରୋଗୀମାନଙ୍କର ସୁବିଧାପାଇଁ ସେମାନଙ୍କୁ ବିଭିନ୍ନ ଚିକିତ୍ସାଳୟକୁ ନେବା ଆଣିବା ପାଇଁ ଗୋଟିଏ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଅଛି ।

ଏକ ଟୁରିଷ୍ଟ ଅଫିସ, ଏକ ସମ୍ବଲପୁରୀ ବସ୍ତ୍ରାଳୟ ପ୍ରଦର୍ଶନ କକ୍ଷ, ଉତ୍କଳିକା ପ୍ରଦର୍ଶନ କକ୍ଷ ସେମାନଙ୍କ ବିଭାଗର କ୍ରିୟାକଳାପକୁ ବିକଶିତ କରିବାପାଇଁ ଓଡିଶା ଭବନ, ନବୀ ମୁମ୍ବାଇ ପରିସରମଧ୍ୟରେ କାର୍ଯ୍ୟକରୁଅଛି ।

ଓଡିଶା ଭବନ, ନବୀ ମୁମ୍ବାଇର ସରକାରୀ କର୍ମଚାରୀ ଙ୍କ ଅବସ୍ଥିତି ର ବିବରଣୀ

| ସରକାରୀ କର୍ମଚାରୀଙ୍କ ସଂଖ୍ୟା | ଉପସ୍ଥିତ ସରକାରୀ କର୍ମଚାରୀଙ୍କ ସଂଖ୍ୟା | ଖାଲି ଥିବା ପଦ ସଂଖ୍ୟା |
|---|---|---|
| ୯ | ୪ | ୫ |

ଶ୍ରୀ କୃପାନିଧି ବିଶ୍ୱାଳ, ପୂର୍ବତନ ସ୍ୱତନ୍ତ୍ର କର୍ତ୍ତବ୍ୟ ଅଧିକାରୀଙ୍କୁ ପରାମର୍ଶଦାତା ଭାବରେ ନିଯୁକ୍ତି କରାଯାଇଛି ।

## ୧୦.୪ ଓଡିଶା ଭବନ / ନିବାସ / ସଦନ ନୂଆଦିଲ୍ଲୀ

ଦିଲ୍ଲୀରେ ଅବସ୍ଥାପିତ ମୁଖ୍ୟ ଆବାସିକ କମିଶନର ଓଡିଶା ସରକାରଙ୍କର ସମସ୍ତ ବିଭାଗର ସମନ୍ୱିତ କାର୍ଯ୍ୟାଳୟ ଭାବେ କାର୍ଯ୍ୟ କରୁଅଛି। ଏହି କାର୍ଯ୍ୟାଳୟ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରାଳୟ, ପି ଏସ ୟୁ ଏବଂ ଅନ୍ୟାନ୍ୟ ସଂସ୍ଥା ଓ ସଂଗଠନ ସହିତ ଓଡିଶା ସରକାରଙ୍କ ତରଫରୁ ସମନ୍ୱୟ ରକ୍ଷାକରେ। ଏହି କାର୍ଯ୍ୟାଳୟ କେନ୍ଦ୍ର ଅନୁଦାନ ପାଇବାରେ ଏବଂ ଅନ୍ୟ ମୁଖ୍ୟ ବିଷୟ ଗୁଡିକରେ ସମନ୍ୱୟ ରକ୍ଷା କରି, ଓଡିଶାରେ ଉତ୍ତମ ଆର୍ଥିକ ବିନିଯୋଗର ଭାବମୂର୍ତି ପ୍ରତିଷ୍ଠା କରିବାରେ ସାହାଯ୍ୟ କରେ। ନୂଆଦିଲ୍ଲୀର ଦ୍ୱାରକା ଠାରେ ୦୯.୦୨.୨୦୧୪ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡିଶା ସଦନର ଶୁଭାରମ୍ଭ କରାଯାଇଛି।

ଓଡିଶା ଭବନ, ନୂଆ ଦିଲ୍ଲୀର ସରକାରୀ କର୍ମଚାରୀଙ୍କ ଅବସ୍ଥିତିର ବିବରଣୀ

| ସରକାରୀ କର୍ମଚାରୀଙ୍କ ସଂଖ୍ୟା | ଉପସ୍ଥିତ ସରକାରୀ କର୍ମଚାରୀଙ୍କ ସଂଖ୍ୟା | ଖାଲି ଥିବା ପଦ ସଂଖ୍ୟା |
|---|---|---|
| ୧୧୮ | ୭୯ | ୩୯ |

ଦିଲ୍ଲୀରେ ଅବସ୍ଥାପିତ ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ସରକାରୀ କର୍ମଚାରୀଙ୍କ ଅବସ୍ଥିତିର ବିବରଣୀ

| ସରକାରୀ କର୍ମଚାରୀଙ୍କ ସଂଖ୍ୟା | ଉପସ୍ଥିତ ସରକାରୀ କର୍ମଚାରୀଙ୍କ ସଂଖ୍ୟା | ଖାଲି ଥିବା ପଦ ସଂଖ୍ୟା |
|---|---|---|
| ୫୭ | ୩୦ | ୨୭ |

ଓଡିଶା ସଦନ ,ନୂଆ ଦିଲ୍ଲୀର ସରକାରୀ କର୍ମଚାରୀଙ୍କ ଅବସ୍ଥିତିର ବିବରଣୀ

| ସରକାରୀ କର୍ମଚାରୀଙ୍କ ସଂଖ୍ୟା | ଉପସ୍ଥିତ ସରକାରୀ କର୍ମଚାରୀଙ୍କ ସଂଖ୍ୟା | ଖାଲି ଥିବା ପଦ ସଂଖ୍ୟା |
|---|---|---|
| ୪ | ୨ | ୨ |

**୧୦.୫ ଓଡିଶା ଭବନ,ଚେନ୍ନାଇ**

ଓଡିଶା ଭବନ, ଚେନ୍ନାଇ ୨୫.୦୯.୨୦୧୮ ଠାରୁ କାର୍ଯ୍ୟକ୍ଷମ କରାଯାଇଅଛି । ଏହି ଭବନରେ ନିମ୍ନପ୍ରଦତ୍ତ କୋଠରି ଉପଲବ୍ଧ ଅଛି ।

| | କୋଠରି | ସଂଖ୍ୟା |
|---|---|---|
| ୧. | ସୁଇଟ | ୧୬ |
| ୨. | ଦୁଇ ଶଯ୍ୟା ବିଶିଷ୍ଟ କୋଠରି | ୧୬ |
| ୩. | ଏସି ଡୋର୍ମିଟୋରୀ (୬ ଶଯ୍ୟା ବିଶିଷ୍ଟ) | ୨ |
| ୪. | ସମ୍ମିଳନୀ କକ୍ଷ | ୧ |
| ୫. | ଅଡିଟରିୟମ | ୨ |
| ୬. | ଭୋଜନାଳୟ | ୧ |

ଓଡିଶା ଭବନ, ଚେନ୍ନାଇ ର ସରକାରୀ କର୍ମଚାରୀ ଙ୍କ ଅବସ୍ଥିତି ର ବିବରଣୀ

| ସରକାରୀ କର୍ମଚାରୀଙ୍କ ସଂଖ୍ୟା | ଉପସ୍ଥିତ ସରକାରୀ କର୍ମଚାରୀଙ୍କ ସଂଖ୍ୟା | ଖାଲିଥିବା ପଦ ସଂଖ୍ୟା |
| --- | --- | --- |
| ୪ | ୩ | ୧ |

**୧୦.୬ ଓଡିଶା ଭବନ,ବେଙ୍ଗାଲୁରୁ**

କର୍ଣ୍ଣାଟକ ରାଜ୍ୟ ସରକାରଙ୍କ ଦ୍ୱାରା ବେଙ୍ଗାଲୁରୁ ଠାରେ ଏକ ଓଡିଶା ଭବନର ନିର୍ମାଣ ପାଇଁ , କର୍ଣ୍ଣାଟକ ର ବେଙ୍ଗାଲୁରୁ ଅନ୍ତର୍ଗତ ସାମ୍ପିଗେହଲ୍ଲୀ ର ଅର୍କବତୀ (ଲେଆଉଟ -3rd Block) ସର୍ଭେ ନମ୍ବର 37,47 ଏବଂ 48 ର ୩୭୪୮.୫୦ ସ୍କୋୟାର ମିଟର ପରିମାଣର ଜମି ଓଡିଶା ସରକାରଙ୍କ ସପକ୍ଷରେ ଆବଣ୍ଟନ କରାଯାଇଅଛି । ଏହି ଭବନ ନିର୍ମାଣ ପାଇଁ ₹୨୭,୬୨,୩୨,୮୮୭/- ଟଙ୍କାର ବିଭାଗୀୟ ସ୍ୱୀକୃତି (Administrative Approval) କରାଯାଇଅଛି। ଓଡିଶା ଭବନ,ବେଙ୍ଗାଲୁରୁ ର ନିର୍ମାଣ ନିମନ୍ତେ କରାଯାଇଥିବା ₹୧୮,୫୬,୦୫ ,୦୦୦/- ଟଙ୍କା ର ସମୁଦାୟ ବ୍ୟୟ ଅଟକଳ ମଧ୍ୟରୁ ୨୦୧୭-୧୮ ବର୍ଷରେ ଓଡିଶା ପୋଲିସ ହାଉସିଂ କର୍ପୋରେସନ କୁ ଜମି କ୍ରୟ ବାବଦରେ ₹୩,୯୮,୧୦,୦୯୪/- ଟଙ୍କା ଓ ନିର୍ମାଣ ନିମନ୍ତେ ₹୧୪,୫୭,୯୪,୯୦୬ ଟଙ୍କା ପ୍ରଦାନ କରାଯାଇଅଛି. ମେସର୍ସ କ୍ରିଏଟିଭ ଆର୍କିଟେକ୍ କମ୍ବାଇନ ପ୍ରାଇଭେଟ ଲିମିଟେଡ, ଭୁବନେଶ୍ବରକୁ ଓଡିଶା ଭବନ, ବେଙ୍ଗାଲୁରୁ ନିର୍ମାଣର ଆର୍କିଟେକ୍ଟରିଆଲ ସର୍ଭିସ ପ୍ରଦାନ ନିମନ୍ତେ ଚୟନ କରାଯାଇଅଛି।

# ଏକାଦଶ ଅଧ୍ୟାୟ

## ୧୧. ଅଭିଯୋଜନ ନିର୍ଦ୍ଦେଶାଳୟ 2019-20

ରାଜ୍ୟରେ ଅଭିଯୋଜନ ପ୍ରଥାର କାର୍ଯ୍ୟ ଦକ୍ଷତାକୁ ନିୟନ୍ତ୍ରଣ କରିବା ପାଇଁ 1982 ମସିହାରେ ସାଧାରଣ ଅଭିଯୋଜନ ନିର୍ଦ୍ଦେଶାଳୟ ସୃଷ୍ଟି କରାଯାଇଥିଲା । 1971 ମସିହା ଓଡିଶା ଲ ଅଫିସରସ୍ ରୁଲସ୍ ଅନୁସାରେ ଠିକାଭିତ୍ତିକ ନିଯୁକ୍ତି ପାଇଥିବା ଅଭିଯୋଜନ ମାନଙ୍କର କାର୍ଯ୍ୟ ଦକ୍ଷତାରେ ଆବଶ୍ୟକୀୟ ଉନ୍ନତି ପରିଲକ୍ଷିତ ହୋଇ ପାରିନଥିଲା । ତେଣୁ 1997 ମସିହାରେ ସରକାର କ୍ୟାଡରଭିତିକ ଅଭିଯୋଜକ ନିଯୁକ୍ତି ପାଇଁ ଓଡିଶା ପ୍ରସିକ୍ୟୁସନ ସର୍ଭିସ୍ ରୁଲସ୍ ପ୍ରଚଳିତ କଲେ । ଉକ୍ତ ନିୟମ ଅନୁସାରେ 2 ଗୋଟି ଉପନିର୍ଦ୍ଦେଶକ, 30ଟି ଅଭିଯୋଜକ, 68 ଟି ଅତିରିକ୍ତ ଅଭିଯୋଜକ ଏବଂ 202ଟି ସହାୟକ ଅଭିଯୋଜକ ପଦବୀ ଅଭିଯୋଜନର ମାନ ବୃଦ୍ଧି ପାଇ ସୃଷ୍ଟି କରାଯାଇଥିଲା । ବର୍ତ୍ତମାନ 2 ଜଣ ଉପନିର୍ଦ୍ଦେଶକ, 28 ଜଣ ଅଭିଯୋଜକ, 16 ଅତିରିକ୍ତ ଅଭିଯୋଜକ ଏବଂ 154 ଜଣ ସହାୟକ ଅଭିଯୋଜକ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତଅଛନ୍ତି । ସରକାର ସଂପୂର୍ଣ୍ଣ ଭାବରେ କ୍ୟାଡର ଭିତିକ ଅଭିଯୋଜନ ସେବା ପ୍ରଚଳନ କରାଯିବାପାଇଁ ଖାଲିଥିବା 46ଟି ସହାୟକ ଅଭିଯୋଜକ ପଦବୀ ପୂରଣ ନିମନ୍ତେ ଓଡିଶା ଲୋକସେବା ଆୟୋଗ ମାଧ୍ୟମରେ ପଦକ୍ଷେପ ନେଇଛନ୍ତି । ଏହା ବ୍ୟତୀତ ଅଭିଯୋଜନର ମାନ ବୃଦ୍ଧି ପାଇଁ ସରକାର ନିମ୍ନଲିଖିତ ପଦକ୍ଷେପ ନେଇଛନ୍ତି ।

01. ସମସ୍ତ ଅଭିଯୋଜକ ମାନଙ୍କର କାର୍ଯ୍ୟ ଦକ୍ଷତାକୁ ସମୟ ଅନ୍ତରାଳରେ ତର୍ଜମା କରାଯାଇ ଦୋଷିସିଦ୍ଧିହାର ବୃଦ୍ଧି ନିମନ୍ତେ ପଦକ୍ଷେପ ନିଆଯାଇଛି । 2019 ମସିହାରେ ରାଜ୍ୟରେ sessions ମାମଲା ଦୋଷସିଦ୍ଧ ହାର 26.06% ଅଟେ ।
02. ଅଭିଯୋଜନ ପ୍ରଥାର ଉନ୍ନତି ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ସମୟ ସମୟ ରେ ଜିଲ୍ଲା ଅଭିଯୋଜକଙ୍କ ମାଧ୍ୟମରେ ସମସ୍ତ ଅଭିଯୋଜକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ।

03. ସରକାରୀ ଅଧିକାରୀ ମାନଙ୍କର କୋର୍ଟରେ ସାକ୍ଷ ଗ୍ରହଣ ନିମନ୍ତେ ଏହି ନିର୍ଦ୍ଦେଶାଳୟ ସେମାନଙ୍କ ଉପରିସ୍ଥ ଅଧିକାରୀ ମାନଙ୍କ ସହିତ ଯୋଗାଯୋଗ କରି ସାକ୍ଷୀଙ୍କୁ କୋର୍ଟରେ ହାଜର କରାଇବା ପାଇଁ ପଦକ୍ଷେପ ନେଉଛନ୍ତି ।

04. 2019 ମସିହାରେ ଏହି ନିର୍ଦ୍ଦଶାଳୟ 80ଟି ମାମଲାରେ ଅପିଲ୍ ନିମନ୍ତେ ଆଡଭୋକେଟ ଜେନେରାଲ ଙ୍କୁ ମତାମତ ଦେଇଛନ୍ତି ।

05. ଅଭିଯୋଜନର ମାନ ବୃଦ୍ଧି ନିମନ୍ତେ କ୍ୟାଡର ଅଭିଯୋଜକ ମାନଙ୍କୁ LNJN NICFS New Delhi, Central Academy of Police Bhopal, Central Detective training Institute, Kolkata, Odisha Judicial Academy, Cuttack and Biju Patnaik State Police Academy, Bhubaneswar ତାଲିମ ଦିଆଯାଉଅଛି ।

06. District Level Standing Committee ଦ୍ୱାରା ଦୋଷମୁକ୍ତ ମାମଲାଗୁଡିକର ତର୍ଜମା କରାଯାଇ ଅଭିଯୋଜନର ପରିଚାଳନାରେ ଦୋଷଥିବା ଅଭିଯୋଜକ ମାନଙ୍କ ବିରୁଦ୍ଧିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

07. ଦୁଇଜଣ ଉପନିର୍ଦ୍ଦେଶକ ବ୍ରହ୍ମପୁର ଏବଂ ସମ୍ବଲପୁରରେ ଅଭିଯୋଜକ ମାନଙ୍କର କାମକୁ ନିୟନ୍ତ୍ରଣ କରିବା ପାଇଁ ଅବସ୍ଥାପିତ କରାଯାଇଛି ।

# ଦ୍ୱାଦଶ ଅଧ୍ୟାୟ

## ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ

- ବିଗତ ପାଞ୍ଚ ବର୍ଷରେ ନିଗମ ଦ୍ୱାରା ହାସଲ ହୋଇଥିବା ଅର୍ଥ କାରାବାର ର ବିସ୍ତୃତ ବିବରଣୀ ।

| କ୍ରମିକ ସଂଖ୍ୟା | ଆର୍ଥିକ ବର୍ଷ | କାରବାର |
|---|---|---|
| ୧. | ୨୦୧୪-୧୫ | ୩୩୨.୧୨ |
| ୨. | ୨୦୧୫-୧୬ | ୩୪୨.୪୫ |
| ୩. | ୨୦୧୬-୧୭ | ୪୦୩.୦୮ |
| ୪. | ୨୦୧୭-୧୮ | ୩୮୦.୫୧ |
| ୫. | ୨୦୧୮-୧୯ | ୩୯୬.୩୦ |

- ନିଗମ ବି.ଏସ.ଏଫ. ଓ ସି.ଆର.ପି.ଏଫ. ଯବାନ ମାନଙ୍କପାଇଁ ମାଓ ପ୍ରବଣ ଅଞ୍ଚଳ ତଥା ଏସ.ଆର.ଇ. ଜିଲ୍ଲା ମାନଙ୍କରେ ଥାନା ଓ ଦୁର୍ଗୀକରଣ କରିବା ସହିତ ଜନସାଧାରଣ ମାନଙ୍କର ସୁରକ୍ଷା ନିମନ୍ତେ ଅଗ୍ନିଶମ କେନ୍ଦ୍ର ସ୍ଥାପନ ଓ ଜେଲ ବିଭାଗ ପାଇଁ କାରାଗାର ଗୃହ ନିର୍ମାଣ କରିଅଛି ।
- ନିଗମ 2018-19 ଆର୍ଥିକ ବର୍ଷ ରେ 1021 ଟି ପୁଲିସ 449 ଟି ଅଗ୍ନିଶମ, 190 ଟି କାରାଗାର, 25 ଟି ନ୍ୟାୟପାଳିକା ଏବଂ 4 ଟି ଜମା କାର୍ଯ୍ୟ ସମ୍ପାଦନ କରିଅଛି ।
- ନିଗମ ମାଲକାନାଗିର, ଡୁମୁରିବାହାଲ, ନୂଆପଡା ଓ ଲାଞ୍ଜିଗଡ଼ ଠାରେ ଇ.ଏମ. ଆର.ଏସ., ରାଇକିଆ, କୋରକୋଣ୍ଡା, ଖଜୁରୀପଡା, ଉମରକୋଟ ଓ ବିସମକଟକ ଠାରେ କେ.ଏମ.ଆର.ଏସ ଏବଂ ଅନ୍ୱେଷା ଓ ଆକଂକ୍ଷା ଭଳି ଛାତ୍ରାବାସ ଗୃହ ଏସ.ଟି ଓ ଏସ.ସି ଜନଜାତି ନିମନ୍ତେ ନିର୍ମାଣ କରିଅଛି ।
- ନିଗମ ଅନୁଗୁଳ, ବଲାଙ୍ଗିର ଓ ଜୟପୁର ଠାରେ ଚାରିଗୋଟି ବସ ଷ୍ଟାଣ୍ଡର ପୁନୁରୁଦ୍ଧାର ଓ ନବୀକରଣ କାର୍ଯ୍ୟ ହାତକୁ ନେଇଛି ଏବଂ ବାଦାମବାଡି (କଟକ) ବସ ଷ୍ଟାଣ୍ଡର ପୁନରୁଦ୍ଧାର କାର୍ଯ୍ୟ ସମ୍ପାଦନ କରିଅଛି ।

- ନିଗମ ଏବେ ଆଇ.ଏସ.ଓ 9001-2015 ପ୍ରମାଣ ପତ୍ର ପ୍ରାପ୍ତ ସଂଗଠନ ରୂପେ ପରିଗଣିତ ହୋଇଛି ।
- ନିଗମ ସି.ଏସ.ଆର ଯୋଜନା ରେ ବିଭିନ୍ନ ନିର୍ମାଣ କାର୍ଯ୍ୟ କମ୍ପାନି ଅଧିନିୟମ ଅନ୍ତର୍ଗତ ହାତକୁ ନେଇଅଛି ।
- ନିଗମ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଅଧିନସ୍ଥ "ଉତ୍କଳିକା" ର ମୁଖ୍ୟ ପ୍ରାସାଦ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ସହିତ ଓଡ଼ିଶା ତାଳଗୁଡ ସମବାୟ ସଂଘ ନିମନ୍ତେ ପ୍ରଶିକ୍ଷଣ ତଥା ଉତ୍ପାଦନ କେନ୍ଦ୍ର ଓ.ଏମ.ସି ପାଇଁ ଖଣି ଅଞ୍ଚଳରେ ସୁରକ୍ଷା ସେନାଦଳ ନିମନ୍ତେ ସେନା ନିବାସ ତଥା ପୁରୀ ଜିଲ୍ଲା ଅନ୍ତର୍ଗତ କଣାସ ଠାରେ ଦୟାବିହାର ମହାବିଦ୍ୟାଳୟ ନିମନ୍ତେ ଓ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ନିମନ୍ତେ ବିଭିନ୍ନ ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେଇଅଛି ।
- ନିଗମ ଏସ.ଟି.ଓ.ଏସ.ସି.ବିଭାଗ ନିମନ୍ତେ ସି.ସି.ଟି.ଭି ସ୍ଥାପନା କାର୍ଯ୍ୟ ସମ୍ପାଦନ କରିଅଛି ।
- ଡି.ଏମ.ଏଫ. ପାଣ୍ଠି ଅନ୍ତର୍ଗତ ଅନୁଗୁଳ ରେ ସହର ସଂନିରିକ୍ଷଣ କାର୍ଯ୍ୟ ସମ୍ପାଦନ କରିବା ସହିତ ସୌରଶକ୍ତି ପଦ୍ଧତି ଓ ବିଜୁଳି ନିୟନ୍ତ୍ରଣ ବ୍ୟବସ୍ଥା ବିଭିନ୍ନ ପ୍ରାସାଦ ରେ କରିଅଛି ।
- ନିଗମ ତା ର ମୁଖ୍ୟ କାର୍ଯ୍ୟାଳୟ ରେ ଇ-ଅଫିସ କାର୍ଯ୍ୟକ୍ରମ ଆରମ୍ଭ କରିଅଛି ।
- ୨୦୧୭-୧୮ ଆର୍ଥିକ ବର୍ଷରେ ନିଗମ ୫.୧୩ କୋଟି ଟଙ୍କା ସରକାରଙ୍କୁ ଲାଭାଂଶ ରୂପେ ପ୍ରଦାନ କରିବାପାଇଁ ସ୍ଥିର କରିଛି ।

******